# ସଡ଼କ ଦୁର୍ଘଟଣାରେ ୨ ଦିନରେ ଗଲାଣି ୩ ଜୀବନ

- ମରଣଯନ୍ତା ପାଲଟିଛି ୩୨୬ ନଂ. ଜାତୀୟ ରାଜପଥ
- ଅଜଣା ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

ରାୟଗଡ଼ା,୩୦।୧୧(ଆଶିଷ ରଞ୍ଜନ ପଣ୍ଡା)

ମରଣଯନ୍ତା ପାଲଟିଛି ରାୟଗଡ଼ା ଦେଇ କୋରାପୁଟ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥ । ଜେକେପୁରଠାରୁ ହାଲୁଆ ରାସ୍ତା ମଧ୍ୟରେ ଗତ ୨ ଦିନରେ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହେଲାଣି। ଉକ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟିବା ସାଧାରଣ ପାଲଟିଗଲାଣି । ବୁଧବାର ସନ୍ଧ୍ୟାରେ ହାଲୁଆ ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। ସେହିପରି କତାପେଟାଠାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଜଣେ ବ୍ୟକ୍ତିଙ୍କୁ ଅଜଣା ଗାଡ଼ି ଧକ୍କାଦେବାରୁ ତାଙ୍କର ମୃତ୍ୟୁ ଘଟିଛି।

ପ୍ରିୟାନଗର ବାସିନ୍ଦା ଶିଶିରକାନ୍ତ ମିଶ୍ର (୬୪) କୌଣସି କାମରେ କତାପେଟା ଯାଇ ସାଇକେଲ ଯୋଗେ ଫେରୁଥିଲେ। ଏହି ସମୟରେ ହାଇସ୍କୁଲ ସମ୍ମୁଖରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କାଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ଶିଶିରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶିର ସାଇପ୍ରିୟାନଗରଠାରେ ଏକ ଆପାର୍ଟମେଣ୍ଟରେ ସିକ୍ୟୁରିଟି ଭାବେ କାମ କରି ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ଶିଶିରଙ୍କ ମୃତ୍ୟୁ ପରେ ତାଙ୍କ ବୃଦ୍ଧା ସ୍ତ୍ରୀ ଅସହାୟ ହୋଇଯାଇଛନ୍ତି । ଖବରପାଇ ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଅଜଣା ଗାଡ଼ିର ଅନୁସନ୍ଧାନ ଜାରି ରହିଥିବା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି କହିଛନ୍ତି। ସେହିପରି ୨ଦିନ ପୂର୍ବେ ଦେବଦଳାଠାରେ ମଧ୍ୟ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ଚାନ୍ଦିଲି ପୋଲିସ ସୂଚନା ଦେଇଛି । ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ବେଳେ ପରବର୍ତ୍ତୀ ସମୟରେ ଏଥିପାଇଁ ସୃଷ୍ଟି ହେଉଥିବା ଅପ୍ରୀତିକର ପରିସ୍ଥିତି ଯୋଗୁ ପୋଲିସକୁ ନାକେଦମ୍ ହେବାକୁ ପଡୁଥିବା ପୋଲିସ ଅଧିକାରୀ କହିଛନ୍ତି।

ପ୍ରକାଶ ଥାଉକି, ରାୟଗଡ଼ା ସହର ସମେତ କୋଲନରା, ଜେକେପୁର ଓ କତାପେଟା ସମସ୍ତ ସ୍ଥାନରେ ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି। ପ୍ରତି ୧ମିଟର ବ୍ୟବଧାନରେ ଶତାଧିକ ଗର୍ତ୍ତ ରହିଛି । ରାସ୍ତା ମରାମତି ପାଇଁ ରାୟଗଡ଼ା ଜନସାଧାରଣଙ୍କଠାରୁ ଆରମ୍ଭକରି ପ୍ରମୁଖ ରାଜନୈତିକ ଦଳରେ ନେତା, ମନ୍ତ୍ରୀ ଏବଂ ଖୋଦ୍ ଜିଲାପାଳ ମଧ୍ୟ ଜାତୀୟ ରାଜପଥ ବିଭାଗକୁ ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ରାସ୍ତା ମରାମତି ସମ୍ପର୍କରେ ପଚାରିଲେ ରାସ୍ତା କାମ ପାଇଁ ଟେଣ୍ଡର ହୋଇଛି, ଖୁବ୍ ଶୀଘ୍ର ରାସ୍ତା କାମ ଆରମ୍ଭ ହେବ ବୋଲି ଶୁଣିବାକୁ ମିଳୁଛି। ହେଲେ କାମ ହେଉନାହିଁ । ୧ ସପ୍ତାହ ମଧ୍ୟରେ ଜାତୀୟ ରାଜପଥ ଏବଂ ରାୟଗଡ଼ା ଫ୍ଲାଏଓଭର ମରାମତି କରା ନ ଗଲେ ଜାତୀୟ ରାଜପଥ କାର୍ଯ୍ୟାଳୟ ବନ୍ଦ କରାଯିବା ସହ ରାୟଗଡ଼ା ସହରକୁ ଅଚଳ କରାଯିବ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ପ୍ରାର୍ଥୀ ଆପଲସ୍ୱାମୀ କାଡ୍ରାକା କହିଛନ୍ତି।



ଶୋଚନୀୟ ହୋଇପଡ଼ିଥିବା ଜେକେପୁରଠାରୁ ହାଲୁଆ ଜାତୀୟ ରାଜପଥ।

# ସିକଲସେଲ୍ ସଚେତନତା ରଥ ଶୁଭାରମ୍ଭ



ସିକଲସେଲ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ଟିକିରି,୩୦।୧୧(ପ୍ରଫୁଲ୍ଲ କୁମାର ବେହେରା)

ସିକଲସେଲ ସଚେତନତା କାର୍ଯ୍ୟକ୍ରମ ପ୍ରଚାର ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ୍ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍ ପକ୍ଷରୁ ପଦକ୍ଷେପ ନିଆଯାଇଛି। ରାୟଗଡ଼ାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହଭାଗିତାରେ କାଶୀପୁର ବ୍ଲକ ଅନ୍ତର୍ଗତ ବିଲମାଳ ଗ୍ରାମରେ ବୁଧବାର ସିକଲସେଲ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ରଥ ଗାଁ ଗାଁ ବୁଲି ପଥପ୍ରାନ୍ତ ନାଟକ, ୱାଲ୍‌ପେଣ୍ଟିଂ ଏବଂ ପରୀକ୍ଷଣ ଶିବିର ଆଦି ଜରିଆରେ ସିକଲସେଲ ରୋଗ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବାର କାର୍ଯ୍ୟକ୍ରମ ରହିଛି। ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲର ଛାତ୍ରୀ ହିବାହ ଏହି ମାରାତ୍ମକ ରୋଗ ସମ୍ପର୍କରେ ଆଦିବାସୀ ସମୁଦାୟଙ୍କୁ ସଚେତନ କରାଇବାକୁ ସ୍ୱେଚ୍ଛାକୃତ ଭାବରେ ଆଗେଇ ଆସିଛନ୍ତି। ସିକଲସେଲ ଆନେମିଆ କ'ଣ ସେ ସମ୍ପର୍କରେ ବୁଝିବା, ଏହାର ଲକ୍ଷଣ ସମ୍ପର୍କରେ ସଚେତନତା କରିବା ଏବଂ ଏହି ରୋଗକୁ ନେଇ ରହିଥିବା ଭୁଲ୍‌ଧାରଣା ଏବଂ ଅନ୍ଧବିଶ୍ୱାସ ଦୂରକରିବାକୁ ପ୍ରୟାସ କରାଯିବ। ଏହି ରୋଗ ଏବଂ ତାହାର ପ୍ରତିଷେଧମୂଳକ ପଦକ୍ଷେପ ସମ୍ପର୍କରେ ଆଦିବାସୀ ମହିଳାଙ୍କୁ ତାଲିମ ପ୍ରଦାନ କରିଥିଲେ। ଉତ୍କଳ ଆଲୁମିନା ୟୁନିଟ୍ ହେଡ୍ ଏବଂ ପ୍ରେସିଡେଣ୍ଟ ମଜହର ବେଗ, ଉଜ୍ଜ୍ୱଳା ଉତ୍କଳ ଲେଡିଜ କ୍ଲବ ପ୍ରେସିଡେଣ୍ଟ ହିନା ବେଗ, କାଶୀପୁର ବିଡିଓ ମନୀଷା ଦାସ, କାଶୀପୁର ସିଏଚ୍‌ସି ମେଡିକାଲ ଅଫିସର , ଡା. ଜନ୍ମେଜୟ ଦାସ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସୁନୀଲ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯାଦବ ସମ୍ପ୍ରଦାୟର ବିକାଶ ନେଇ ସମ୍ମିଳନୀ

ଟିକିରି,୩୦।୧୧ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଯାଦବ ମହାସଭା ଆନୁକୂଲ୍ୟରେ ବୁଧବାର କାଶୀପୁରଠାରେ ଯାଦବ ସମ୍ମିଳନୀ ଆୟୋଜିତ ହୋଇଛି। ଯାଦବ ସମ୍ପ୍ରଦାୟର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ନେଇ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରୁ ଯାଦବ ବ୍ୟକ୍ତିବିଶେଷ ଏହି ସମ୍ମିଳନୀରେ ଯୋଗଦେଇଥିଲେ। ଭାରତୀୟ ଯାଦବ ମହାସଭାର ଯୁବ ସମ୍ପାଦକ ପ୍ରଦୀପ ବେହେରା ଯୋଗଦେଇ ଓବିସିମାନଙ୍କ ମଧ୍ୟରେ ଯାଦବ ସମ୍ପ୍ରଦାୟଙ୍କ ସଂଖ୍ୟା ଅଧିକ। ତେଣୁ ଆମେ ଏକାଠି ହେଲେ ଶିକ୍ଷା, ସଂସ୍କୃତିରେ ବିକାଶ ହେବା ସହ ଆର୍ଥିକ ସ୍ୱାବଲମ୍ବନଶୀଳ ହୋଇପାରିବା ବୋଲି ମତ ଦେଇଥିଲେ। କାଶୀପୁର ଯାଦବ ମହାସଭାର ସଭାପତି ଅମର ଗୋପାଳ, ସମ୍ପାଦକ ସୁରେନ୍ଦ୍ର ଗଉଡ, କବି ଓଡ଼ିଶା ଯାଦବ ମହାସଭାର ଯୁବ ସମ୍ପାଦକ ଅମିତ ନାୟକ, ପୂର୍ଣ୍ଣଚନ୍ଦ୍ର ଗଉଡ, ଗୋପ ଗଉଡ, ଜଗନ୍ନାଥ ଗଉଡ,ରାମେଶର ଗଉଡ, କୈଳାସ ଗଉଡ, ଲଳିତ ଗଉଡ, କବି ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା କେସିଙ୍ଗା ମ୍ୟୁନିସିପାଲଟି ଅଧ୍ୟକ୍ଷ ନୃପରାଜ ଯାଦବ, ଭବାନୀପାଟଣାର ଯୁବ ଯାଦବ ସଭାପତି ଗୋବିନ୍ଦ ବଞ୍ଛର ଏବଂ ଅଧ୍ୟକ୍ଷ ପ୍ରତିନିଧି ପିତବାସ ଯାଦବ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପୂର୍ବତନ ଏମ୍‌ପି ଏନ୍. ଭାସ୍କର ରାଓ କାଶୀପୁରସ୍ଥିତ ଯାଦବ ଭବନର ଉଦ୍‌ଘାଟନ କରିଥିଲେ। କାଶୀପୁରର ଯୁବ ଲେଖକ ନିରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ।ସମ୍ପାଦକ ଅମିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର କର୍ମକର୍ତ୍ତା ଚୟନ

ପଦ୍ମପୁର , ୩୦।୧୧ (ପ୍ରଶାନ୍ତ କୁମାର କର)

ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ବିଭିନ୍ନ ସଂଘୀୟ କର୍ମକର୍ତ୍ତା ଚୟନ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୁଧବାର ନିର୍ବାଚିତ ସଦସ୍ୟମାନଙ୍କ ତାଲିକା ସର୍ବସମ୍ମତିକ୍ରମେ ପ୍ରକାଶିତ ହୋଇଛି । ଏହି ତାଲିକାରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲ୍ୟୁଜେ) ରେଜିଷ୍ଟ୍ରେଶନ ନଂ.୧୦୯/୨୩-୨୪ର ରାଜ୍ୟ ସଭାପତି ରୂପେ ଶ୍ରୀସୁଜ୍ଞାନ ଚୌଧୁରୀ, ସାଧାରଣ ସମ୍ପାଦକ ଭାବେ ପବିତ୍ର କୁମାର ପାତ୍ର, କୋଷାଧ୍ୟକ୍ଷ ପ୍ରମୋଦ କୁମାର ପରିଡ଼ା, ଉପସଭାପତି ପରମାନନ୍ଦ ମିଶ୍ର, ଉପସଭାପତି ପ୍ରଶାନ୍ତ କୁମାର କର, ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ, ଲୋକ ସମ୍ପର୍କ ଅଧିକାରୀ ଇଂ. କୃଷ୍ଣପ୍ରସାଦ ବାରିକ ନିର୍ବାଚିତ ହୋଇଛନ୍ତି। ଏଥିସହ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ରୂପେ ପ୍ରସନ୍ନ ତ୍ରିପାଠୀ, ସରୋଜ କୁମାର ବେହେରା, ଶରତ କୁମାର ପରିଡ଼ା, ତ୍ରିଲୋଚନ ମିଶ୍ର, ଲଳିତ କୁମାର ଦାଶ, ପ୍ରକାଶ ନନ୍ଦ, ଶ୍ରଦ୍ଧାଞ୍ଜଳି ରାୟ,ସରୋଜ କୁମାର ପଣ୍ଡା, ରବିରଞ୍ଜନ ଦାସ, ପ୍ରଶାନ୍ତ କୁମାର କର, ଜୟରାମ ମହାପାତ୍ର, ପରମାନନ୍ଦ ମିଶ୍ର, ସୁରେନ୍ଦ୍ର ମେହେର, ଜୟରାମ ଦାଶ, ସତ୍ୟବ୍ରତ ମିଶ୍ର, ରତ୍ନାକର ସେଠ, ବିଜୟ କୁମାର ଆଚାର୍ଯ୍ୟ, ପ୍ରେମାନନ୍ଦ ମହାପାତ୍ର, କୃଷ୍ଣପ୍ରସାଦ ବାରିକ, ରବିରଞ୍ଜନ ଦାସଙ୍କୁ ଚୟନ କରାଯାଇଛି ।

# ମୁଁ ବି ହେବି ନବୀନ ଓଡ଼ିଶାର ସାରଥି କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଜେଡି ନେତା।

ରାୟଗଡ଼ା, ୩୦।୧୧(ଆଶିଷ ରଞ୍ଜନ ପଣ୍ଡା)

ଆଗକୁ ସାଧାରଣ ନିର୍ବାଚନ। ରାୟଗଡ଼ା ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି। ଗତ ୨ ଦିନ ତଳେ ବିଜେଡିର ବରିଷ୍ଠ ନେତାଙ୍କ ଗହଣରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ବିଜେଡି ଯୁବ ସଂଗଠନ ପକ୍ଷରୁ 'ମୁଁ ବି ହେବି ନବୀନ ଓଡ଼ିଶା ସାରଥି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁସଂଖ୍ୟାରେ ଯୁବକର୍ମୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାରଥି ଭାବେ କାର୍ଯ୍ୟ କରିବା ପାଇଁ ଶପଥ ନେଇଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୁବନେତା ତପନ ପେଦେଣ୍ଟି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରିତ କରିଥିଲେ। ଏଥିରେ ବିଜୁ ଯୁବ ଜନତାଦଳ ରାଜ୍ୟ ସଭାପତି ତଥା ବିଧାୟକ ଡ.ବ୍ୟୋମକେଶ ରାୟ, ୟୁଥ୍ ଆଫେୟାର୍ସ ସାଧାରଣ ସମ୍ପାଦକ ତଥା ବିଧାୟକ ପ୍ରଣବ ବଳବନ୍ତରାୟ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ଧୃତି ମାର୍ଥା, ଶୁଭେନ୍ଦୁ ମଙ୍ଗରାଜ, ବୈକୁଣ୍ଠ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ବିଧାୟକ ମକରନ୍ଦ ମୁଦୁଲି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି ଓ ବିଏସ୍‌କେୱାଇ ଉପଦେଷ୍ଟା ସୁଧୀର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ ଛାତ୍ର ଓ ଯୁବସ୍ତରରେ ଦଳକୁ ମଜଭୁତ କରିବା ସହ ମୁଁ ହେବି ନବୀନ ଓ ସାରଥି ମାଧ୍ୟମରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକ କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ଧ୍ୟାନଦେବାକୁ ରାଜ୍ୟସ୍ତରୀୟ ନେତାମାନେ ଗୁରୁମନ୍ତ୍ର ଦେଇଥିଲେ। ସେହିପରି ଏବେ ଚାଲିଥିବା ଭୋଟର ପଞ୍ଜୀକରଣରେ ଯେମିତି ଜଣେ ମଧ୍ୟ ଯୋଗ୍ୟ ଭୋଟର ବାଦ୍ ନ ପଡ଼ନ୍ତି ଏଥିପ୍ରତି ଧ୍ୟାନଦେବାକୁ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବନେତା ଶ୍ରୀକାନ୍ତ ଚୌଧୁରୀ, ବ୍ଲକ ଅଧ୍ୟକ୍ଷା ତଥା ଯୁବନେତ୍ରୀ ଚୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା, ଟାଉନ ସଭାପତି ବି.ଜଗନମୋହନ, କାଉନସିଲର ସୁକାନ୍ତ ପରିଡା, ସନ୍ତୋଷ ଦଲାଇ, ବାଦଲ ମହାନ୍ତି, ପପୁ ପ୍ରବୀଣ କୁମାର, ହୃଷୀକେଶ କୁଲଦୀପ, ଯୋଗେଶ ପେଦେଣ୍ଟି ପ୍ରମୁଖ ପରିଚାଳନା କରିଥିଲେ ।

# ଜଙ୍ଗଲୀ ଫଳ ଖାଇ ୧୨ ଶିଶୁ ଗୁରୁତର

ମାଲକାନଗିରି,୩୦।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଝରାପାଲ୍ଲୀ ପଞ୍ଚାୟତ ତେଲିମେଟା ଗ୍ରାମର ୧୨ଜଣ ଶିଶୁ ଜଙ୍ଗଲୀ ଜଡ଼ା ଫଳ ଖାଇ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେଲିମେଟା ଗ୍ରାମର କେତେଜଣ ଶିଶୁ ଜଙ୍ଗଲ ପାଖରେ ଖେଳୁଥିବା ସମୟରେ ଜଡ଼ା ଫଳ ଖାଇ ଦେଇଥିଲେ। କିଛି ସମୟ ପରେ ହଠାତ୍ ଗୋଟିଏ ପରେ ଗୋଟିଏ ଶିଶୁ ବାନ୍ତି ଓ ଝାଡ଼ା ହେବାରେ ଲାଗିଥିଲେ। ପରିବାର ଲୋକେ ସେମାନଙ୍କୁ ଆମ୍ବୁଲାନ୍ସରେ ପ୍ରଥମେ ପଦ୍ମଗିରି ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଶିଶୁମାନଙ୍କୁ ନେଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି ।

# ଯୁବପିଢ଼ିଙ୍କୁ ଶିକ୍ଷା ସଂସ୍କାର ଉପରେ ମାର୍ଗଦର୍ଶନ

ରାୟଗଡ଼ା,୩୦।୧୧(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ସଦର ମହକୁମା କତାପେଟା ପଞ୍ଚାୟତ ସିଙ୍ଗାପୁର ଗ୍ରାମସ୍ଥିତ ସୀତାରାମ ପ୍ରସନ୍ନ ହନୁମାନ ଧ୍ୟାନ ମନ୍ଦିର ପ୍ରାଙ୍ଗଣରେ ଯୁବପିଢ଼ିଙ୍କୁ ଶିକ୍ଷା ସଂସ୍କାର ଉପରେ ମାର୍ଗଦର୍ଶନ କରାଯାଉଛି। ସନ୍ଥ ଯୋଗୀ ଶ୍ରୀଚୈତନ୍ୟ ରାମଜୀଙ୍କ ତତ୍ତ୍ୱାବଧାନରେ ଗତ ୧ ମାସ ଧରି ଧ୍ୟାନ, ଭଜନ କୀର୍ତ୍ତନ , ସତ୍‌ସଙ୍ଗ ଓ ସନାତନ ଧର୍ମ ଉପରେ ମାର୍ଗଦର୍ଶନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ଗ୍ରାମର ବାଳିକାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଫଳ ଚାଷୀ ଡି. ଶ୍ରୀନିବାସ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କର ସୁନ୍ଦର ସଂସ୍କାରିତ ଭବିଷ୍ୟତ ଗଠନକୁ ନେଇ ମାର୍ଗଦର୍ଶନ କରିଥିଲେ । ସମ୍ମାନିତ ଅତିଥି ଭାବେ ଶ୍ରମିକ ନେତା ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ଯୋଗଦେଇ ସନାତନ ଧର୍ମ, ସଂସ୍କୃତି ଗ୍ରାମ ଗ୍ରାମରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ ସମବାୟ ସମିତି ସଭାପତି କ୍ରିଷ୍ଣା କଣ୍ଡାଗରି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅମଲାଭଟା ହନୁମାନ ମନ୍ଦିର ସଭାପତି ପି. ରମେଶ ବାବୁ, ସିଙ୍ଗାପୁର ଗ୍ରାମର ରୂପା ନିଷିକା, କାମେଶର ସାରକା, ସୁରେଶ ନିସିକା ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

# କ୍ରୀଡ଼ା ପ୍ରତିଯୋଗିତା ପାଇଁ ମିଡିଆ କ୍ରିକେଟ୍ ଟିମ୍ ଚୟନ

ରାୟଗଡା,୩୦।୧୧ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଆସନ୍ତା ଡ଼ିସେମ୍ବର ୧ରୁ ୩ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜିସିଡ଼ି ହାଇସ୍କୁଲ ପଡିଆରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗୁରୁବାର ଜିଲାର ସମସ୍ତ ଖବରଦାତାଙ୍କୁ ନେଇ କ୍ରିକେଟ ଓ ଭଲିବଲ ଖେଳ ପାଇଁ ଦଳ ଚୟନ କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜିସିଡି ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁନୀଲ କୁମାର ମହାନ୍ତ, ବସନ୍ତ ମହାନ୍ତ, ଚିନ୍ମୟ ପୁରହିତ ପ୍ରମୁଖ ଉପସ୍ଥିତ ରହି କ୍ରିକେଟ ଟିମ୍ ପାଇଁ ଖେଳାଳି ଚୟନ କରିଥିଲେ। ଏଥିରେ ଟିମ କ୍ୟାପଟେନ ଭାବେ ସନ୍ତୋଷ କୁମାର ଦଳେଇଙ୍କୁ ମନୋନୀତ କରାଯାଇଥିଲା। ଗୋପୀନାଥ ଗୌଡ଼ , ଶିବ ନାରାୟଣ ଗୌଡ଼, ନିରଞ୍ଜନ ପାଳ, ଗଜ ମୋହନ ଗରଡ଼ିଆ, ପ୍ରଶାନ୍ତ ପାଳ, ଆଲୋକ ମହାରଣା, ସନ୍ତୋଷ ପାଣିଗ୍ରାହି, ସ୍ମୃତି ରଞ୍ଜନ ମହାନ୍ତି, ରଞ୍ଜନ ସ୍ୱାଇଁ, ସନ୍ତୋଷ ପାଣି, ଉଦୟ କିରଣ, ଦୁର୍ଗା ପ୍ରସାଦ ପାଢ଼ୀ, ନରେଶ କୁମାର, ଦୀପକ ପୃଷ୍ଟି, ହରି ନାରାୟଣ ଦାଶ ଟିମ୍‌ରେ ଚୟନ ହୋଇଛନ୍ତି। ଖବରଦାତାଙ୍କୁ ନେଇ ଚୟନ ହୋଇଥିବା ମିଡ଼ିଆ କ୍ରିକେଟ ଟିମ୍ ଆସନ୍ତା ୨ ତାରିଖରେ ରାମନାଗୁଡ଼ା ବ୍ଲକର ଟିମ ସହ ମ୍ୟାଚ ଖେଳିବେ ବୋଲି ଜଣାପଡିଛି । ଏହି କ୍ରୀଡା ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବ୍ଲକରୁ ୧୬ଟି ଟିମ ଭାଗ ନେଇଥିବା ବେଳେ ୫ ଓଭର ଲେଖାଏଁ ମ୍ୟାଚ ଖେଳାଯିବ ।



ମିଡିଆ କ୍ରିକେଟ୍ ଟିମ୍ ପାଇଁ ଚୟନ ହୋଇଥିବା ଖବରଦାତାମାନେ।

# ପରଳ ଚକ୍ଷୁ ପରୀକ୍ଷା ଶିବିର

ଗୁଣପୁର,୩୦।୧୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରର ବାଘୁଆ ଦେଉଳ ନିକଟରେ ନିର୍ବାଣ ଟ୍ରଷ୍ଟ ଏବଂ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ସମରଝୋଳଙ୍କ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଏକ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଅଖିଳ ଭାରତ ସନ୍ଥ ସମିତି ପୂର୍ବ ଭାରତ ମନ୍ତ୍ରୀ, ଅଖିଳ ଭାରତ ସନ୍ଥ ସମିତି ଓଡ଼ିଶା ସଙ୍ଗଠନ ମନ୍ତ୍ରୀ ଓ ଗୁଣପୁର ନିର୍ବାଣ ଟ୍ରଷ୍ଟ ଅଧ୍ୟକ୍ଷ ସାମି ନିର୍ବାଣାନନ୍ଦ ଗିରିଙ୍କ ସଭାପତିତ୍ୱରେ ଉଦ୍‌ଘାଟନ ହୋଇଥିଲା। କାଶୀନଗର ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ମୋଟ ୧୧୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୧ଜଣଙ୍କୁ ଚଷମା, ୩୨ ଜଣଙ୍କୁ ପରଳ ତଥା ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା । ୨୬ ଜଣଙ୍କୁ ଅସ୍ତ୍ରୋପଚାର କରାଯିବାକୁ ସ୍ଥିର କରାଯାଇଛି । ୧୦ ଜଣଙ୍କର ରେଟିନା ଚେକ୍‌ଅପ୍ କରାଯାଇଥିଲା । କାର୍ଯ୍ୟକ୍ରମରେ ନିକୁଞ୍ଜ ପାତ୍ର, ମହେଶ ପାଢ଼ୀ, ସୁବୁଦ୍ଧି ଭେଙ୍କଟ ରାଓ, କତକଟା ଭେଙ୍କଟ ରାଓ, ବାଦଲ ପାଣି, ଗୋବିନ୍ଦ ଗୋଗାରଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ ।

# ଫଳକ ନାହିଁ, ପୋଲ ନିର୍ମାଣକୁ ନେଇ ପ୍ରଶ୍ନବାଚୀ

ଗୁଣପୁର,୩୦।୧୧(ପ୍ରଦୀପ କୁମାର ପାଢୀ)

**ସରିଲା କଇଠପଦର ବ୍ରିଜ୍ କାମ**

ଗୁଣପୁର ବ୍ଲକ ଶିରିଝୋଲି ପଞ୍ଚାୟତର କଇଠପଦରରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଏକ ବ୍ରିଜ ନିର୍ମାଣ ହୋଇଛି। ପୋଲ କାମ ଆରମ୍ଭ ପୂର୍ବରୁ ଫଳକ ଲାଗି ସମସ୍ତ ତଥ୍ୟ ଉଲ୍ଲେଖ କରାଯିବାର ନିୟମ ଥିବାବେଳେ କଇଠପଦରରେ ବ୍ରିଜ ନିର୍ମାଣ ସରିଥିଲେ ମଧ୍ୟ ନିର୍ମାଣାଧୀନ ବ୍ରିଜ ନିକଟରେ ଫଳକ ଲାଗି ନ ଥିବାରୁ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲ ନିର୍ମାଣ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେଉଁ ଯୋଜନାରେ କାମ କରାଯାଇଛି, କେଉଁ ବିଭାଗ ପକ୍ଷରୁ କାମ ହୋଇଛି ସେ ନେଇ କିଛି ତଥ୍ୟ ନାହିଁ। ଫଳରେ ପୋଲ ନିର୍ମାଣକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

କଇଠପଦର ଗ୍ରାମ ଦେଇ ଏକ ନାଳ ଯାଇଛି। ଏହି ନାଳ ଦେଇ ଅନେକ ଗ୍ରାମର ଲୋକଙ୍କ ସହ ଛାତ୍ରୀଛାତ୍ର ସ୍କୁଲକୁ ଯାତାୟତ କରୁଥିଲେ। ବର୍ଷା ଦିନେ ଲୋକଙ୍କ ଅବସ୍ଥା ଦୟନୀୟ ହୋଇପଡୁଥିଲା। ରାଜ୍ୟ ସରକାର ଏହି ନାଳ ଉପରେ ବ୍ରିଜ ନିର୍ମାଣ କରିବା ପାଇଁ ୨୦୨୧ରେ ଟେଣ୍ଡର କରାଯାଇଥିଲା। ଏବେ ପୋଲ ନିର୍ମାଣ କାମ ଶେଷ ହୋଇଥିବାବେଳେ ବ୍ରିଜର ଉଭୟ ପଟୁ ଆପ୍ରୋଚ ରୋଡ ମଧ୍ୟ କିଛି ମାତ୍ରାରେ କରାଯାଇଛି। ହେଲେ ବ୍ରିଜର ପୂର୍ବ ପଟେ ହୋଇଥିବା ଆପ୍ରୋଚ ରୋଡକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ପୂର୍ବ ବିଭାଗ ରାସ୍ତାକୁ ଆପ୍ରୋଚ ରୋଡ ସଂଯୋଗ ପାଇଁ ଦାବି କରୁଥିଲେ। ହେଲେ ସାହି ରାସ୍ତା ସହିତ ଆପ୍ରୋଚ ରୋଡକୁ ସଂଯୋଗ କରାଯାଇଥିବାରୁ ଉକ୍ତ ରାସ୍ତା ଦେଇ ବଡ ଗାଡି ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଏହାକୁ ନେଇ ଗ୍ରାମବାସୀ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ଦାବି ପୂରଣ ପାଇଁ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।



# ମରୁଡ଼ି ଘୋଷଣା ଦାବିରେ ତହସିଲ ଅଫିସ୍ ଘେରାଉ

ଗୁଣପୁର, ୩୦।୧୧ (ପ୍ରଦୀପ କୁମାର ପାଢ଼ୀ)

ରାମନାଗୁଡା ବ୍ଲକ୍‌କୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବିରେ ଅଖିଳ ଭାରତ କୃଷକ ମହାସଭା ଓ ସିପିଆଇଏମଏଲ ଲିବରେସନ ତରଫରୁ ଗୁରୁବାର ତହସିଲ ଅଫିସ ଘେରାଉ କରାଯାଇଛି। କୃଷକ ମହାସଭା ଓ ସିପିଆଇଏମଏଲ କର୍ମୀମାନେ ରାମନାଗୁଡାର ଖିଲାପଦର ଛକଠାରୁ ଏକ ଶୋଭାଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ପରେ ୧୬ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ରାମନାଗୁଡ଼ା ବ୍ଲକକୁ ସମ୍ପୂର୍ଣ୍ଣ ଭାବେ ମରୁଡ଼ି ଘୋଷଣା, ମରୁଡ଼ିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୫୦ ହଜାର ଟଙ୍କା, ଋଣ ଛାଡ଼, ନୂଆ ଋଣ ଯୋଗାଇବା ଏବଂ ଭାଗଚାଷୀଙ୍କୁ ଚାଷୀର ମାନ୍ୟତା, ମରୁଡ଼ି କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଜଳକର ଛାଡ଼, କପା କୁଇଣ୍ଟାଲ ମୂଲ୍ୟ ୯ହଜାର ଟଙ୍କାକୁ ବୃଦ୍ଧି, ଗୋଗୁପାଡୁ ପଞ୍ଚାୟତର କାଟିକି ଓ ଗୁଲୁଣ୍ଡି ପଞ୍ଚାୟତର ତାମେଲିଗୁଡ଼ା ଗ୍ରାମର ଆଦିବାସୀଙ୍କ ଭୋଗ ଦଖଲରେ ରହିଥିବା ଜମି ପଟ୍ଟା ପ୍ରଦାନ ଓ ଆଦିବାସୀଙ୍କ ନାମରେ ହୋଇଥିବା ମିଥ୍ୟା କେସ୍ ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲା। ସେହିପରି କେନ୍ଦ୍ର ସରକାରଙ୍କ ଦ୍ୱାରା ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ଗ୍ରାମସଭାକୁ ଅକାମୀ କରିଦେଉଥିବା ଚକ୍ରାନ୍ତକୁ ବନ୍ଦ କରିବା, ଆଦିବାସୀଙ୍କ ଭୋଗ ଦଖଲରେ ରହିଥିବା ସରକାରୀ ଜମି, ଜଙ୍ଗଲ ଜମିକୁ ଚିହ୍ନଟ କରିବା ପାଇଁ ଆର.ଆଇ, ଓ ଅମିନଙ୍କୁ ମାସିକ ୧୫ ଦିନ ପାଇଁ ନିର୍ଦ୍ଦେଶ ଦେବା, ଶୀତଳ ଭଣ୍ଡାର ଓ ଢ଼େପାଗୁଡ଼ା ଡ୍ୟାମରୁ ଚାଷୀଙ୍କୁ ଜଳସେଚନ ଯୋଗାଇବା ଓ ଗୁଲୁଣ୍ଡି ପଞ୍ଚାୟତରେ ସୋରିଷପଦର ଗାଁର ଚାଷୀଙ୍କୁ ଜଳକର ଛାଡ, କେନାଲ ନିମନ୍ତେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଓ ଲହରଗାଡ଼ା ନାଳକୁ ଜଳ ପ୍ରକଳ୍ପ, ଆନ୍ଧ୍ରର ଜମି ମାଫିଆମାନେ ଆଦିବାସୀଙ୍କ ଦଖଲରେ ଥିବା ଜମିକୁ ବେଆଇନ ଭାବେ ରେଜିଷ୍ଟ୍ରି ରଦ୍ଦ କରିବା, ଏମଜିଏନଆର୍‌ଇଜିଏ କାମର ବର୍ଷକୁ ୨୦୦ଦିନ କାମ, ଦୈନିକ ୬୦୦ ଟଙ୍କା ମଜୁରୀ, ବ୍ୟାପକ ଦୁର୍ନୀତି ବନ୍ଦ କରିବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫ ଲକ୍ଷ, ସମସ୍ତ ଗରିବ ଏବଂ ବିପିଏଲ ପରିବାରରଙ୍କୁ ବିଦ୍ୟୁତ୍ ବିଲ ଛାଡ଼, ୨୦୦ ୟୁନିଟ ମାଗଣା ବିଦ୍ୟୁତ୍ ଯୋଗାଇବା, ପ୍ରତ୍ୟେକ ଗରିବ ପରିବାରକୁ ରେସନ କାର୍ଡ, ପରିବା ଚାଷ କରିଥିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ମରୁଡ଼ି ସହାୟତା, ଆଦିବାସୀଙ୍କ ଜମି ଅଣ-ଆଦିବାସୀମାନେ କିଣିବା ଆଇନକୁ ସମ୍ପୂର୍ଣ୍ଣ ରୂପେ ରଦ୍ଦ କରିବା ନେଇ ଦାବି କରାଯାଇଛି। ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ଅନାସିମ ଶବର ବୃନ୍ଦାବନ ବିଡିକା, କରୁଣାକର ଲିମା, ସାନିଆ ବିଡିକା, ଦାସୁରୁ ପାତିକା, ଗୋବିନ୍ଦ ପାତିକା, ରମେଶ ପାତିକା, ମୋଜେସ ବିଡିକା, ଲବ ବିଡିକା, ଶୁଣ୍ଡମା ବିଡିକା, ରାମଦାସ ନିମାଲା , ଛାଣ୍ଟି ନିମାଲା ପ୍ରମୁଖ ଉପସ୍ଥିତ ଥିଲେ ।




ରାମନାଗୁଡ଼ା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

## ଜଙ୍ଗଲୀ ଫଳ ଖାଇ ୧୨ ଶିଶୁ ଗୁରୁତର

ମାଲକାନଗିରି,୩୦।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଝରାପାଲ୍ଲୀ ପଞ୍ଚାୟତ ତେଲିମେଟା ଗ୍ରାମର ୧୨ଜଣ ଶିଶୁ ଜଙ୍ଗଲୀ ଜଡ଼ା ଫଳ ଖାଇ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେଲିମେଟା ଗ୍ରାମର କେତେଜଣ ଶିଶୁ ଜଙ୍ଗଲ ପାଖରେ ଖେଳୁଥିବା ସମୟରେ ଜଡ଼ା ଫଳ ଖାଇ ଦେଇଥିଲେ। କିଛି ସମୟ ପରେ ହଠାତ୍ ଗୋଟିଏ ପରେ ଗୋଟିଏ ଶିଶୁ ବାନ୍ତି ଓ ଝାଡ଼ା ହେବାରେ ଲାଗିଥିଲେ। ପରିବାର ଲୋକେ ପଚରାଉଚୁରା କରିବା ପରେ ଜଡ଼ା ଫଳ ଖାଇଥିବା ଜାଣିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସରେ ପ୍ରଥମେ ପଦ୍ମଗିରି ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଶିଶୁମାନଙ୍କୁ ନେଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।

## ସରିଲା କଇଁଠପଦର ବ୍ରିଜ୍ କାମ ଫଳକ ନାହିଁ, ପୋଲ ନିର୍ମାଣକୁ ନେଇ ପ୍ରଶ୍ନବାଚୀ



ଗୁଣପୁର,୩୦।୧୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଶିରିଝୋଲି ପଞ୍ଚାୟତର କଇଁଠପଦରରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଏକ ବ୍ରିଜ ନିର୍ମାଣ ହୋଇଛି। ପୋଲ କାମ ଆରମ୍ଭ ପୂର୍ବରୁ ଫଳକ ଲାଗି ସମସ୍ତ ତଥ୍ୟ ଉଲ୍ଲେଖ କରାଯିବାର ନିୟମ ଥିବାବେଳେ କଇଁଠପଦରରେ ବ୍ରିଜ ନିର୍ମାଣ ସରିଥିଲେ ମଧ୍ୟ ନିର୍ମାଣାଧୀନ ବ୍ରିଜ ନିକଟରେ ଫଳକ ଲାଗି ନ ଥିବାରୁ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲ ନିର୍ମାଣ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେଉଁ ଯୋଜନାରେ କାମ କରାଯାଇଛି, କେଉଁ ବିଭାଗ ପକ୍ଷରୁ କାମ ହୋଇଛି ସେ ନେଇ କିଛି ତଥ୍ୟ ନାହିଁ। ଫଳରେ ପୋଲ ନିର୍ମାଣକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କଇଁଠପଦର ଗ୍ରାମ ଦେଇ ଏକ ନାଳ ଯାଇଛି। ଏହି ନାଳ ଦେଇ ଅନେକ ଗ୍ରାମର ଲୋକଙ୍କ ସହ ଛାତ୍ରୀଛାତ୍ର ସ୍କୁଲକୁ ଯାତାୟତ କରୁଥିଲେ। ବର୍ଷା ଦିନେ ଲୋକଙ୍କ ଅବସ୍ଥା ଦୟନୀୟ ହୋଇପଡୁଥିଲା। ରାଜ୍ୟ ସରକାର ଏହି ନାଳ ଉପରେ ବ୍ରିଜ ନିର୍ମାଣ କରିବା ପାଇଁ ୨୦୨୧ରେ ଟେଣ୍ଡର କରାଯାଇଥିଲା। ଏବେ ପୋଲ ନିର୍ମାଣ କାମ ଶେଷ ହୋଇଥିବାବେଳେ ବ୍ରିଜର ଉଭୟ ପଟୁ ଆପ୍ରୋଚ ରୋଡ ମଧ୍ୟ କିଛି ମାତ୍ରାରେ କରାଯାଇଛି। ହେଲେ ବ୍ରିଜର ପୂର୍ବ ପଟେ ହୋଇଥିବା ଆପ୍ରୋଚ ରୋଡକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ପୂର୍ତ୍ତ ବିଭାଗ ରାସ୍ତାକୁ ଆପ୍ରୋଚ ରୋଡ ସଂଯୋଗ ପାଇଁ ଦାବି କରୁଥିଲେ। ହେଲେ ସାହି ରାସ୍ତା ସହିତ ଆପ୍ରୋଚ ରୋଡକୁ ସଂଯୋଗ କରାଯାଇଥିବାରୁ ଉକ୍ତ ରାସ୍ତା ଦେଇ ବଡ ଗାଡି ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଏହାକୁ ନେଇ ଗ୍ରାମବାସୀ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ଦାବି ପୂରଣ ପାଇଁ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

# ଖେଳ ପଡ଼ିଆରେ ଥାନା ନିର୍ମାଣକୁ ଲୋକଙ୍କ ବିରୋଧ

ମାଲକାନଗିରି,୩୦।୧୧ (ଦୁର୍ଯ୍ୟୋଧନ ପାତ୍ର)



ମେଶିନ ଦ୍ୱାରା କାର୍ଯ୍ୟ କରାଯାଉଛି।

ମାଲକାନଗିରି ଜିଲା ବାଲିମେଳା ମୁଖ୍ୟ ରାସ୍ତା କୋରୁକୋଣ୍ଡା ବ୍ଲକ ସଦର ମହକୁମାରେ ୧୯୭୭ରେ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ରାଜ୍ୟ ସରକାର ଏହି ବିଦ୍ୟାଳୟକୁ ୫-ଟି ବିଦ୍ୟାଳୟ ଭାବେ ରୂପାନ୍ତରିତ କରିଛନ୍ତି। ଇତିମଧ୍ୟରେ ସରକାର ଏହି ବିଦ୍ୟାଳୟକୁ ଯୁକ୍ତ ୨ କଲେଜ ଭାବେ ରୂପାନ୍ତରିତ କରି ୧୪୪ ଛାତ୍ରୀଛାତ୍ର ଏହି କଲେଜରେ ଅଧ୍ୟୟନ କରିଛନ୍ତି। ବିଦ୍ୟାଳୟଠାରୁ ମାତ୍ର ୬୦ ମିଟର ଦୂରରେ ଉଚ୍ଚ ବିଦ୍ୟାଳୟ ଓ କଲେଜ ସମ୍ପ୍ରସାରଣ ଲାଗି ପ୍ରାୟ ୨ ଏକର ଜାଗା ଗ୍ରାମବାସୀଙ୍କ ତରଫରୁ ସଂରକ୍ଷିତ କରି ରଖାଯାଇଛି।

ଏପରିକି ୧୯୯୨ ବନ୍ଦୋବସ୍ତ ସମୟରେ ଗ୍ରାମବାସୀଙ୍କ ଅନୁରୋଧ ରକ୍ଷାକରି ସେଟେଲମେଣ୍ଟ କର୍ତ୍ତୃପକ୍ଷ ଏହି ଜାଗାକୁ ଖେଳ ପଡ଼ିଆ ନିମନ୍ତେ ସଂରକ୍ଷିତ କରି ରଖିଛନ୍ତି, ଯାହାକି ଆର୍‌ଓଆର୍‌ର ରିମାର୍କ କଲମରେ ଏହା ଉଲ୍ଲେଖ ରହିଛି। ତେବେ କିଛିଦିନ ତଳେ ମାଲକାନଗିରି ପୋଲିସ ପକ୍ଷରୁ ଉକ୍ତ ଜାଗାକୁ ସଫା କରାଯାଇ ନୂତନ ଥାନା ପ୍ରତିଷ୍ଠା କରାଯିବ ବୋଲି ଦାୟିତ୍ୱରେ ଥିବା କର୍ମଚାରୀମାନେ କହିଥିଲେ । ଏହା ଜାଣିବା ପରେ ଗ୍ରାମବାସୀ, ବୁଦ୍ଧିଜୀବୀ, ଜନ ପ୍ରତିନିଧି ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଲୋକ ଗତ ୬ ତାରିଖରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳ ଅଭିଯୋଗ ଶୁଣି ଏହାର ତଦନ୍ତ ନିମନ୍ତେ ଅଭିଯୋଗପତ୍ରକୁ ଉପଜିଲାପାଳଙ୍କୁ ପ୍ରେରଣ କରିଥିବା ଜଣାପଡିଛି।

ଗତ ୨୪ ତାରିଖରେ କୋରୁକୋଣ୍ଡା ଅଞ୍ଚଳର ବୁଦ୍ଧିଜୀବୀ ଜନ ପ୍ରତିନିଧି ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ କର୍ମକର୍ତ୍ତା ଉପଜିଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କଲାପରେ ଉପଜିଲାପାଳ ଏହାର ସମାଧାନ ନିମନ୍ତେ ତହସିଲଦାରଙ୍କୁ ଆଦେଶ ଦେଇଥିଲେ। ୩ ଦିନ ପରେ ଏହାର ତଦନ୍ତ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ଗୁରୁବାର ସେହି ସ୍ଥାନରେ ନୂତନ ଥାନା ପାଇଁ ମେଶିନ ଲଗାଇ କାର୍ଯ୍ୟ ଆରମ୍ଭ ହୋଇଥିବା ଜାଣି ଅଞ୍ଚଳବାସୀ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେମାନଙ୍କ କହିବା କଥା କୋରୁକୋଣ୍ଡା ବ୍ଲକ ସଦର ମହକୁମା ମୁଖ୍ୟ ରାସ୍ତାରେ ଅନେକ ସରକାରୀ ଜାଗା ରହିଛି। କାହାର ପ୍ରରୋଚନାରେ ଏହି ସ୍କୁଲ ଓ କଲେଜ ପାଇଁ ସଂରକ୍ଷିତ ଜାଗାରେ ଥାନା କରାଯାଉଛି। ଆଗାମୀ ଦିନରେ କୋରୁକୋଣ୍ଡାରେ ଏକ ତହସିଲ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯିବା ସରକାରଙ୍କ ପ୍ରସ୍ତାବ ରହିଛି। ଏହାଛଡ଼ା ଗୁଡିଏ ଉନ୍ନୟନ ପ୍ରକଳ୍ପ ନିମନ୍ତେ ସରକାର ଜାଗାର ଆବଶ୍ୟକତା ରହିଛି। ତେବେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଲାଗି ପ୍ରସ୍ତାବିତ ଖେଳ ପଡିଆ ସ୍ଥାନକୁ ନୂତନ ଥାନା ନିର୍ମାଣ କରା ନ ଯାଇ ଅନ୍ୟ ସ୍ଥାନରେ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଏ ସମ୍ବନ୍ଧରେ ମାଲକାନଗିରି ତହସିଲଦାର ନରସିଂହ ଗାଦବାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଖୁବ୍ ଶୀଘ୍ର ଘଟଣାସ୍ଥଳକୁ ଯାଇ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ । ଅଭିଯୋଗକାରୀ କୈଳାସ ଦୋରା, ରାମେଶ୍ୱର ଗୌଡ଼, ନୀଳମଣି ପ୍ରଧାନ, ବନମାଳୀ ପାତ୍ର, ତ୍ରିନାଥ ରଞ୍ଜିତ, କୈଳାସ ଚେଟି ଓ କମଲୁ ଖିଲ ପ୍ରମୁଖଙ୍କ ସହ ୧୦୦ରୁ ଉର୍ଦ୍ଧ୍ୱ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।

## ବିଶ୍ୱ ହିନ୍ଦୁ ପରିଷଦର ପୂର୍ଣ୍ଣାଙ୍ଗ କମିଟି ଗଠିତ

ରାଇଘର, ୩୦।୧୧ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଗୁରୁବାର ବିଶ୍ୱ ହିନ୍ଦୁ ପରିଷଦର ବ୍ଲକ (ପ୍ରଖଣ୍ଡ)ସ୍ତରୀୟ ପୂର୍ଣ୍ଣାଙ୍ଗ କମିଟି ଗଠିତ ହୋଇଛି । ଜିଲା କମିଟି ପକ୍ଷରୁ ସଭାପତି କୃପାରାମ ସାହୁ ଓ ସମ୍ପାଦକ ସି.ଏଚ. ବାଳକୃଷ୍ଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏକ ବୈଠକରେ ଆଲୋଚନାକ୍ରମେ କମିଟି ଗଠନ ହୋଇଛି। ଉମରକୋଟ ପ୍ରଖଣ୍ଡ ସମ୍ପାଦକ ଅଶୋକ ପାତ୍ର, ଜିଲା ସହ ସଂଯୋଜକ ସୁମିତ ଦଳେଇ ଓ ବାଳକୃଷ୍ଣ ସାହୁ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ମଧ୍ୟ ସ୍ଥାନୀୟ ପ୍ରଖଣ୍ଡସ୍ତରୀୟ ନୂତନ କମିଟି ଗଠନ କରାଯାଇଥିଲା। ରାଇଘର ବିଶ୍ୱ ହିନ୍ଦୁ ପରିଷଦ ସଭାପତି ଭାବେ କିରଣ କୁମାର ପଟ୍ଟନାୟକ, ଉପସଭାପତି ମୋହନ ସାହୁ, ସମ୍ପାଦକ ଦେବେନ୍ଦ୍ର ମିଶ୍ର, ସତସଙ୍ଗ ପ୍ରମୁଖ କମଲସିଂ ରାଜପୁତ, ବଜରଙ୍ଗ ଦଳ ପ୍ରମୁଖ ଭିକି ଶ୍ରୀବାସ୍ତବ, ଗୋ ସେବା ପ୍ରମୁଖ ମନୋହର ଦଣ୍ଡସେନା, ମଠ ମନ୍ଦିର ପ୍ରମୁଖ ସନ୍ୟାସୀ ନାୟକ, ପ୍ରଚାର ପ୍ରସାର ପ୍ରମୁଖ ଭବାନୀ ନାୟକ, ସାମାଜିକ ସମରତା ପ୍ରମୁଖ ଜିତେନ୍ଦ୍ର ଶ୍ରୀବାସ୍ତବ , ସେବା ପ୍ରମୁଖ ରୂପେ ସନନ୍ତ ପ୍ରହରାଜଙ୍କୁ ଚୟନ କରାଯାଇଥିଲା। ଆଗାମୀ ଦିନରେ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ଅବସରରେ ସ୍ଥାନୀୟ ବିଶ୍ୱ ହିନ୍ଦୁ ପରିଷଦର ସହଯୋଗୀ ଭାବେ ଶକ୍ତି ଜେନା, ମିହିରକାନ୍ତି ଡାଲି, ସବର୍ଣ୍ଣ ଗଣ୍ଡ, ରାମଦୟାଲ ସିହ୍ନା, ସୁମିତ ପଟ୍ଟନାୟକ, ବିକ୍ରମ ମଣ୍ଡଳ, ମେଘନାଦ ହରିଜନ, ଲବ କୁଲଦୀପ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଇପ୍ ବୋମା ବିସ୍ଫୋରଣ, ଜଣେ ଯବାନ ଆହତ



ବିସ୍ଫୋରଣ ହୋଇଥିବା ପାଇପ୍‌ବୋମା ।

ମାଲକାନଗିରି, ୩୦।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର କାଂକେରରେ ପାଇପ ବୋମା ବିସ୍ଫୋରଣ ଘଟି ଜଣେ ଯବାନ ଆହତ ହୋଇଛନ୍ତି। ତାଙ୍କ ନାମ ଜାନକିରାମ ଦୁଗା । ସୂଚନା ଅନୁଯାୟୀ, ଛତିଶଗଡର କାଂକେର ଜିଲାର ପାନିଡୋବିର ଜଙ୍ଗଲରେ ଡିଆରଜି ଏବଂ ବିଏସ୍‌ଏଫ ଯବାନଙ୍କ ପକ୍ଷରୁ ମିଳିତ ଭାବେ ସର୍ଚ୍ଚ ଅପରେଶନ କରାଯାଉଥିଲା। ଏହି ସମୟରେ ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଏକ ପାଇପ୍ ବୋମାକୁ ଯବାନମାନେ ଠାବ କରିବା ପରେ ଏହାକୁ ନିଷ୍କ୍ରିୟ କରିବା ବେଳେ ହଠାତ ବିସ୍ଫୋରଣ ଘଟିଥିଲା। ଏଥିରେ ଜାନକିରାମ ଆହତ ହୋଇଥିଲେ।

# ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବାଲିମେଳା,୩୦।୧୧ (ଶିବଦତ୍ତ ସାହୁ)



ଜଣେ ଭିନ୍ନକ୍ଷମଙ୍କୁ ହୁଇଲ୍ ଚେୟାରେ ନିଆଯାଉଛି ।

ମାଲକାନଗିରି ଜିଲା ବାଲିମେଳା ଟାଉନ ହଲ୍‌ରେ କୋରୁକୋଣ୍ଡା ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳା ଧାରୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଆରମ୍ଭ କରିଥିଲେ। ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ଦ୍ୱାରା ଶିବିରରେ ପ୍ରାୟ ୩୭୪ ପଞ୍ଜୀକରଣ ହୋଇଥିବା ବେଳେ ସେଥିରୁ ୨୬୨ ଯୋଗ୍ୟ ବିବେଚିତ ହୋଇଥିଲେ। ବ୍ଲକ ଏବଂ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ଦିଦିମାନେ ନିଜ ଅଞ୍ଚଳର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଆଣି ଶିବିରରେ ପହଞ୍ଚାଇଥିଲେ। ତେବେ କେବଳ ୨୬୨ ଭିନ୍ନକ୍ଷମ ବ୍ୟକ୍ତି ଭାବେ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେଥିରୁ ଅର୍ଥୋ ଭିନ୍ନକ୍ଷମ ୧୬୪, ଦୃଷ୍ଟିହୀନ ୨୩, ମସ୍ତିଷ୍କ ବିକୃତ ୧୧, ବଧିର ୨୫, ସିକଲିନ ୩୯ ଥିବା ଡା .ଏମ୍. ହୁସେନ, ଡା.ଅଶୋକ କୁମାର ଖମାରୀ, ଡା. ବାସନ୍ତୀ ହାଁସଦା, ଡା.ଅରବିନ୍ଦ ଦାସ ଏବଂ ଡା.ସପନ କୁମାର ସମସ୍ତଙ୍କ ପରୀକ୍ଷା କରାଇ ତାଙ୍କୁ ସାର୍ଟିଫିକେଟ ଦେଇଥିଲେ। ସେହିପରି ଆଧାର କାର୍ଡ ସଂଶୋଧନ ନିମନ୍ତେ ବାଲିମେଳା ଅତିରିକ୍ତ ରାଜସ୍ୱ ନିରୀକ୍ଷକ କାଶୀନାଥ ମଣ୍ଡଳ, ଆଶିଷ ବୈରାଗୀ ଏବଂ ରାଶନ କାର୍ଡ ସଂଶୋଧନ ନିମନ୍ତେ ଗୋପାଳ ରାୟଙ୍କୁ ନିୟୋଜିତ କରାଯାଇଥିଲା। ସେହିପରି ମଧୁବାବୁ ପେନ୍‌ସନ ନିମନ୍ତେ ୯, ବସ୍‌ପାସ୍ ନିମନ୍ତେ ୪୧ ଏବଂ ଟ୍ରାଇ ସାଇକେଲ ନିମନ୍ତେ ୮ ଜଣଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ବିଭାଗର ସସ୍ମିତା ସ୍ୱାଇଁ, ରାଜୀବ ପୂଜାରୀ, ରାଜେଶ ଭୌମିକ, ଏମ୍. ସ୍ୱରାଜ ଲକ୍ଷ୍ମୀ ଓ ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଦିବ୍ୟାଙ୍ଗ ସଂଘ ସଭାପତି ଜଗତ ଜୀବନ ପାତ୍ର ଯୋଗ ଦେଇଥିବା ବେଳେ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଛାତ୍ରମାନେ ସ୍ୱେଚ୍ଛାସେବୀ ଭାବେ ଭିନ୍ନକ୍ଷମଙ୍କୁ ସାହାଯ୍ୟ ସହଯୋଗ କରିଥିଲେ।

## ପରଳ ଚକ୍ଷୁ ପରୀକ୍ଷା ଶିବିର

ଗୁଣପୁର,୩୦।୧୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରର ବାଘୁଆ ଦେଉଳ ନିକଟରେ ନିର୍ବାଣ ଟ୍ରଷ୍ଟ ଏବଂ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ସମରଝୋଳଙ୍କ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଏକ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ଏବଂ ନାରାୟଣ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଅଖିଳ ଭାରତ ସନ୍ଥ ସମିତି ପୂର୍ବ ଭାରତ ମନ୍ତ୍ରୀ, ଅଖିଳ ଭାରତ ସନ୍ଥ ସମିତି ଓଡ଼ିଶା ସଙ୍ଗଠନ ମନ୍ତ୍ରୀ ଓ ଗୁଣପୁର ନିର୍ବାଣ ଟ୍ରଷ୍ଟ ଅଧକ୍ଷ ସାମି ନିର୍ବାଣାନନ୍ଦ ଗିରିଙ୍କ ସଭାପତିତ୍ୱରେ ଉଦ୍‌ଘାଟନ ହୋଇଥିଲା । କାଶୀନଗର ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ନିଃଶୁଳ୍କ ଭାବେ ସମସ୍ତ ପ୍ରକାର ଚକ୍ଷୁରୋଗର ପରୀକ୍ଷା କରାଯାଇଥିଲା। ମୋଟ ୧୧୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୧ଜଣଙ୍କୁ ଚଷମା, ୩୨ ଜଣଙ୍କୁ ପରଳ ତଥା ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା । ୨୬ ଜଣଙ୍କୁ ଅସ୍ତ୍ରୋପଚାର କରାଯିବାକୁ ସ୍ଥିର କରାଯାଇଛି । ୧୦ ଜଣଙ୍କର ରେଟିନା ଚେକ୍‌ଅପ୍ କରାଯାଇଥିଲା । ଏହାସହ ଦୁଃଖୀରଙ୍କୀଙ୍କୁ ଅନ୍ନପ୍ରସାଦ ସହିତ ସମସ୍ତଙ୍କୁ ଶୀତବସ୍ତ୍ର, ବେଡ୍‌ସିଟ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ନିକୁଞ୍ଜ ପାତ୍ର, ମହେଶ ପାଢ଼ୀ, ସୁବୁଦ୍ଧି ଭେଙ୍କଟ ରାଓ, କତକଟା ଭେଙ୍କଟ ରାଓ, ବାଦଲ ପାଣି, ଗୋବିନ୍ଦ ଗୋଗାରଙ୍ଗା, ମୋନିଙ୍ଗି ଅଶୋକ କୁମାର, ସୁଜିତ କୁମାର ରଥ, ବିଜୟ କୁମାର ଦାସ, ଚାରୁବାଳା ଶତପଥୀ, ଶିବପ୍ରସାଦ ବେହେରା,ଲାଲୁ କୁମାର ପାଣିଗ୍ରାହୀ, କୋଣା ଲୋକନାଥ,ଉଲ୍କା ରବି, ପି.ଶିବକୁମାର ଓ ନିର୍ବାଣ ଟ୍ରଷ୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶଙ୍କର ଚକ୍ଷୁ ଚିକିତ୍ସାଳୟର ନଳିନୀ କାନ୍ତ ରାଉତ, ରଶ୍ମିରେଖା ବେହେରା ଓ ସୁକେଶ ପାଣିଗ୍ରାହୀ, ସୂଚନା ରାଉତ ଓ ରଘୁନାଥ ପାଢ଼ୀ ପରିଚାଳନା କରିଥିଲେ।

# ପୋକ୍‌ସୋ ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୩୦।୧୧ (ଦୁର୍ଯ୍ୟୋଧନ ପାତ୍ର)



ବିଭିନ୍ନ ଆଇନ ବିଷୟରେ ପିଲାମାନଙ୍କୁ ସଚେତନ କରାଯାଉଛି ।

ଜିଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ବ୍ଲକ ସିନ୍ଧିମାଳ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ପୋକ୍‌ସୋ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଚିବ ତଥା ବିଚାରପତି ରାକେଶ କୁମାର ମୁଦୁଲି, ଆଇନଜୀବୀ ତଥା ପ୍ରାଧିକରଣ ପ୍ରମୁଖ ଆଇନସେବା ପ୍ରତିପକ୍ଷ ଓକିଲ ଅଶୋକ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କୁ ପୋକ୍‌ସୋ ଆଇନ, ଶିଶୁ ସୁରକ୍ଷା ଆଇନ, କିଶୋର ନ୍ୟାୟ ଆଇନ ଓ ମୌଳିକ ଅଧିକାର ଇତ୍ୟାଦି ଉପରେ ସଚେତନତା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ହିତାଧିକାରୀଙ୍କୁ ମକା, ପିଆଜ ବିହନ ବଣ୍ଟନ



ଅତିଥିଙ୍କ ସହ ହିତାଧିକାରୀମାନେ।

ନବରଙ୍ଗପୁର, ୩୦।୧୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରୀୟ କୃଷି ସାମଗ୍ରୀ ବଣ୍ଟନ କରାଯାଇଛି। ଉମରକୋଟ ବ୍ଲକର ହୀରାପୁର ପଞ୍ଚାୟତ ବିରିଶାଡି ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ସଞ୍ଜୟ ଗୁପ୍ତା, ଜିଲା ପରିଷଦ ସଭ୍ୟ ଚନ୍ଦନ ରାୟ, ସମିତି ସଭ୍ୟ ନାମୀ ସାନ୍ତା, ସରପଞ୍ଚ ଉଲ୍ଲମ୍ପା ନାୟକ ଏବଂ ଆଇଟିଡିଏ ପ୍ରୋଜେକ୍ଟ ମ୍ୟାନେଜର ଗୋବିନ୍ଦ କୁମାର, କୃଷିବିତ୍ ସୁଶୀଲ ମେହେର, ବ୍ଲକ କ୍ଷେତ୍ର ବିଶାରଦ ବସନ୍ତ ପରିଡ଼ା ଯୋଗ ଦେଇଥିଲେ। ହିତାଧିକାରୀଙ୍କୁ ମକା ଏବଂ ପିଆଜ ବିହନ ବଣ୍ଟନ କରାଯାଇଛି।

# ବାଲିମେଳା ଏନ୍‌ଏସିର ୧୯ତମ ବୈଠକ

ବାଲିମେଳା,୩୦।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ବୁଧବାର ୧୯ତମ ପାରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିମେଳା ନଗର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ କାଉନସିଲର ଉପସ୍ଥିତ ରହି ଏନ୍‌ଏସିର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବଞ୍ଚିତ ଥିବା ବସ୍ତିବାସିନ୍ଦାଙ୍କୁ ପଟ୍ଟା ବଣ୍ଟନ, ଭୂମିହୀନଙ୍କୁ ଜାଗା ପ୍ରଦାନ, ସହରର ୩ଟି ମୁଖ୍ୟ ଛକରେ ପ୍ରିକାଷ୍ଟ ଶୌଚାଳୟ, ବସ୍‌ଷ୍ଟାଣ୍ଡର ସୌନ୍ଦର୍ଯ୍ୟକରଣ, ସହରରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକର ପୁନରୁଦ୍ଧାର, ଗୋଷ୍ଠୀ ଶୌଚାଳୟକୁ କାର୍ଯ୍ୟକ୍ଷମ କରିବା, ନଳକୂପ ଖନନ ସହ ସମସ୍ତ କାଉନସିଲର ନିଜ ନିଜ ୱାର୍ଡର ଜରୁରୀ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ବାଲିମେଳା ସହରର ଅନେକ ସ୍ଥାନରେ ଷ୍ଟ୍ରିଟ୍‌ଲାଇଟ୍ ଖରାପ ହୋଇଯାଇଥିବାରୁ ବହୁ ଅଞ୍ଚଳ ଅନ୍ଧକାରମୟ ରହୁଥିବାରୁ ତୁରନ୍ତ ଜିଲାପାଳଙ୍କୁ ଅବଗତ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଆଜିର ଏହି ବୈଠକରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଏନ୍‌ଏସି କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଆଲୋଚନା କରାଯାଉଛି।

# ବିଜ୍ଞାନମେଳାରେ ୧୫୫ ପ୍ରକଳ୍ପ ପ୍ରଦର୍ଶିତ

ବାଲିମେଳା,୩୦।୧୧ (ଶିବଦତ୍ତ ସାହୁ)



ପ୍ରକଳ୍ପକୁ ଶିକ୍ଷୟିତ୍ରୀମାନେ ବୁଲି ଦେଖୁଛନ୍ତି ।

ମାଲକାନଗିରି ଜିଲା ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ କୋରୁକୋଣ୍ଡା ବ୍ଲକ ଅଧୀନ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସ୍ୱାସ୍ଥ୍ୟ, ପରିବେଶ, କୃଷି, ଗମନାଗମନ, ଗାଣିତିକ ତଥ୍ୟ ଆଧାରିତ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ମେଳାରେ ୧୫୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରାଥମିକ ବିଦ୍ୟାଳୟରୁ ୯୫ଟି ପ୍ରକଳ୍ପ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଅସିତ କୁମାର ମିସ୍ତ୍ରିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ବିଜ୍ଞାନ ପ୍ରଦର୍ଶକ ଶରତ ରାଉତ ଏବଂ ମୁଖ୍ୟବକ୍ତା ଭାବେ ଏମଭି -୨୭ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀନାରାୟଣ ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା କୁମାରୀ ହିଆଲ, ସୋର୍ଲୁକୋଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ଶବର, ବିଦ୍ୟାଳୟ କମିଟି ସଭାପତି ସୁରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନମେଳା ଦ୍ୱାରା ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିପାରୁଥିବା ମୁଖ୍ୟବକ୍ତା ନାୟକ କହିଥିଲେ। ବିଚାରକ ଭାବେ ରଞ୍ଜନ କୁମାର ସାହୁ ଓ ବବିତାରାଣୀ ସାହୁ ନିୟୋଜିତ ହୋଇଥିଲେ। ସେହିପରି ଅପରାହ୍ଣରେ ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ବାଲିମେଳା ନଗରପାଳ ପ୍ରଦୀପ କୁମାର ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତାରକ ମଣ୍ଡଳ, ଖବରଦାତା ଶୁଭାଶିଷ କର, କୋରୁକୋଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରବିନ୍ଦ ପ୍ରସାଦ ଜେନା, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ରଞ୍ଜିତ କୁମାର ନାୟକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲାସ୍ତରୀୟ ବିଜ୍ଞାନମେଳା ନିମନ୍ତେ ପ୍ରତ୍ୟେକ ବିଭାଗରୁ ଜଣେ ଜଣେ ମନୋନୀତ ହୋଇ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶିତ କରିବେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ହିୟାଲ କହିଥିଲେ। ଶିକ୍ଷକ ଶେଷଦେବ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ ।

# ହସ୍ତକ୍ଷେପ କଲା ପ୍ରଶାସନ

**ପଥରକ୍ୱାରି ମାଲିକ-ଗ୍ରାମବାସୀ ବିବାଦ**

- ଦୀପାବଳିରେ ଚାନ୍ଦା ମାଗିବାକୁ ନେଇ ସୃଷ୍ଟି ହୋଇଥିଲା ଏପରି ପରିସ୍ଥିତି
- ଖୁବ୍‌ଶୀଘ୍ର ବିବାଦର ସମାଧାନ ହେବ: ତହସିଲଦାର



ଗ୍ରାମବାସୀ ତହସିଲଦାରଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

ଲକ୍ଷ୍ମୀପୁର, ୩୦।୧୧ (ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ତୁନପାର ପଞ୍ଚାୟତରେ ପଥରକ୍ୱାରି ମାଲିକ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଚାନ୍ଦା ମାଗିବାକୁ ନେଇ ଲାଗି ରହିଥିବା ବିବାଦରେ ପ୍ରଶାସନ ହସ୍ତକ୍ଷେପ କରିଛି। କ୍ୱାରି ମାଲିକ ଲାଲୁ ବାଘଙ୍କୁ କିଛିଦିନ ତଳେ ତୁନପାର ଗ୍ରାମବାସୀ ଏବଂ ତରିଗୁଡ଼ା ଗ୍ରାମର କେତେଜଣ ବ୍ୟକ୍ତି ଦୀପାବଳି ପାଇଁ ଚାନ୍ଦା ମାଗିଥିଲେ। ସେ ଚାନ୍ଦା ନ ଦେବାରୁ ଗାଡ଼ି ଅଟକାଇ ଭଙ୍ଗାରୁଜା କରିଥିଲେ। ଫଳରେ ପଥରକ୍ୱାରି ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏ ନେଇ ଲାଲୁ କକିରିଗୁମା ଥାନାରେ ଅଭିଯୋଗ କରିଥିଲେ। ତୁନପାର ଗ୍ରାମବାସୀ ମଧ୍ୟ ଲାଲୁଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ତୁନପାର ମୌଜାରେ ଲାଲୁ ପଥରକ୍ୱାରିରେ ବିସ୍ଫୋରଣ ଘଟାଇ ପଥର ଖନନ କରୁଥିବାରୁ ଚାଷ ଜମି, ଫସଲ ନଷ୍ଟ ହେଉଛି। ଘର କାନ୍ଥରେ ଫାଟ ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏହାକୁ ଭିତ୍ତିକରି ଥାନା ଅଧିକାରୀ ପ୍ରମିଳା ବିଡ଼ିକା କେସ୍ ନଂ ୧୨୫/୨୩ ଏବଂ ୧୨୯/୨୩ରେ ମାମଲା ରୁଜୁକରି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଅନ୍ୟପକ୍ଷରେ ବୁଧବାର ତୁନପାର ଗ୍ରାମର ସଞ୍ଜୟ କନ୍ଦପନ୍, ଧୃସ ଜାନି, ଲାଚି ଜାନି, ସୁନାମ ବାଗ୍, ମୋହନ ଜାନି, ବିକାଶ ଗରଡା, ଗୌରବ କନ୍ଦପାନ, ମିଥୁନ ବାଗ ପ୍ରମୁଖ ଲକ୍ଷ୍ମୀପୁର ତହସିଲଦାର ନିର୍ମଳ ନାୟକଙ୍କୁ ଏକ ଅଭିଯୋପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ନାୟକଙ୍କୁ ପଚାରିବାରୁ ସେ କହିଲେ, ଘଟଣାର ତଦନ୍ତ କରି ଖୁବ୍ ଶୀଘ୍ର ଏହି ବିବାଦର ସମାଧାନ କରାଯିବ। ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ତୁନପାର ମୌଜାର ବାଘ ଡଙ୍ଗରରେ ବେଆଇନ ଭାବେ ପଥର କ୍ୱାରିରେ ବିସ୍ଫୋରଣ କରି କେତେଜଣ ଅସାଧୁ ବ୍ୟବସାୟୀ ପଥର ଚୋରାଚାଲାଣ କରୁଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି।

## ସଂକ୍ଷେପରେ

### ପରବ ସମ୍ମାନରେ ସମ୍ମାନିତ ହେଲେ ଆକାଂକ୍ଷା

ସବ୍‌ଜୁନିୟର କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ



ସେମିଲିଗୁଡା,ସୁନାବେଡା,୩୦।୧୧ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଲିଗୁଡାର କୁନିଝିଅ ଆକାଂକ୍ଷା ମହାନ୍ତି ଦିଲ୍ଲୀ ତାଲକୋଟରା ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସିଲ କରି କୋରାପୁଟ ତଥା ଓଡିଶା ପାଇଁ ଗୌରବ ଆଣିଛନ୍ତି। ସେଥିପାଇଁ ତାଙ୍କୁ ଜିଲାର ପରବ ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ଜିଲ୍ଲାପାଳ ଅବଦଲ ଏମ. ଅଖତର୍, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ସଂସ୍କୃତି ବିଭାଗ ଅଧିକାରୀ ସୁବ୍ରତ କୁମାର, କୋରପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିପାଇଁ ସେମିଲିଗୁଡା ଉତ୍କଳ କରାଟେ ସ୍କୁଲର କୋଚ ସେନସେଇ ରାଜେନ୍ଦ୍ର କେଶରୀ ସାମଲ ଓ କୁନି ପ୍ରତିଭା ଆକାଂକ୍ଷାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ପ୍ରଶଂସା କରାଯାଇଛି।

### ଗଡ଼ପଦର ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୩୦।୧୧ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ଗଡ଼ପଦର ଜଙ୍ଗଲରେ ଗୁରୁବାର ଅବକାରୀ ଚଢ଼ାଉ ହୋଇଛି । ମଦ ବ୍ୟବସାୟୀମାନେ ଲୁଚାଇ ରଖିଥିବା ମଦ ଓ ପୋଚ କର୍ମଚାରୀମାନେ ଚଢ଼ାଉକରି ନଷ୍ଟ କରିଛନ୍ତି। ତେବେ ଆଗୁଆ ସୂଚନା ପାଇ ମଦ କାରବାର କରୁଥିବା ବ୍ୟବସାୟୀମାନେ ଫେରାର ହୋଇ ଯାଇଛନ୍ତି। ଘଟଣା ସ୍ଥଳରୁ ୬ ଶହ ଲିଟର ପୋଚ ଓ ୧୨୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଥିବା ଓଆଇସି ନିଳାଦ୍ରୀ ବିହାରୀ ମିଶ୍ର କହିଛନ୍ତି ।

### 'ନୂଆ-ଓ' ଯୋଜନାର କାର୍ଯ୍ୟକ୍ରମରେ ହେବ ବିଭିନ୍ନ ପ୍ରତିଯୋଗିତା

ନନ୍ଦପୁର, ୩୦।୧୧ (ଶଙ୍କର ପୂଜାରୀ)

ରାଜ୍ୟରେ ବର୍ତ୍ତମାନ ଉଚ୍ଚଶିକ୍ଷା ବିଭାଗ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଅନ୍ତର୍ଗତ ନୂଆ-ଓ କାର୍ଯ୍ୟକ୍ରମ ଜାରି ରହିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୨୫ ସାଂସ୍କୃତିକ, ୩୨ କ୍ରୀଡା ଓ ୪ ସାମାଜିକ ଗତିବିଧି ସମ୍ପର୍କିତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ବୁଧବାର ସାମାଜିକ ଗତିବିଧି କାର୍ଯ୍ୟକ୍ରମ ଅନ୍ତର୍ଗତ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ନନ୍ଦପୁର ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ନନ୍ଦପୁର ସରପଞ୍ଚ ସାର୍ଜନ୍ତି କିରିସାନି ସବୁଜ ପତକା ଦେଖାଇ ଏହି ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରିଥିଲେ। ଗାଡି ଚାଳକଙ୍କୁ ଗାଡି ଚଳାଇବା ସମୟରେ ହେଲମେଟ ପିନ୍ଧିବା, ସିଟ୍ ବେଲ୍‌ଟ ବାନ୍ଧିବା ନେଇ ସଚେତନ କରିଥିଲେ। ଉକ୍ତ ଶୋଭା ଯାତ୍ରାକୁ ନୋଡାଲ ଅଧିକାରୀ ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ ହନ୍ତାଳ ଓ ଯୁବ ରେଡକ୍ରସ ପରାମର୍ଶଦାତା ଭଗବାନ ଖରା ପରିଚାଳନା କରିଥିଲାବେଳେ ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠି, ଏମ ଜୟା, ସୁରଭି ପାଣିଗ୍ରାହୀ, କେଦାର ସାହୁକାର, ନରସିଂହ ଖୋସଲା, ସନ୍ତୋଷ କୁମାର ଦୋରା, ଆକାଶ ସାହୁ, ପଦଲାମ ଗଲରି, ବିଜୟ ଖିଲ ଓ ଉଷାରାଣୀ ଗୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## 'ମୁଁଇ ଧାଙ୍ଗଡ଼ା କେ ନ ଯାଇ ଇସ୍କୁଲ ଯିବି' ସଚେତନତା ବାର୍ତ୍ତା



ଛାତ୍ରୀଛାତ୍ରମାନେ ନାଟକ ପ୍ରଦର୍ଶନ କରୁଛନ୍ତି।

ନନ୍ଦପୁର, ୩୦।୧୧ (ଶଙ୍କର ପୂଜାରୀ)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ ଯୋଜନାର ନୂଆ-ଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ନନ୍ଦପୁର ଶିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଉପରଗେରୁପୁଟ ଗ୍ରାମରେ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ କରାଯାଇଥିଲା। ଅଧ୍ୟକ୍ଷ ଅମର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କ୍ଷୁଦ୍ର ପଥପ୍ରାନ୍ତ ନାଟକ 'ମୁଁଇ ଧାଙ୍ଗଡ଼ା କେ ନ ଯାଇ ଇସ୍କୁଲ ଯିବ' ପ୍ରଦର୍ଶନ କରାଯାଇଥିଲା। ନାଟକଟି ସାମ୍ପ୍ରତିକ ସମୟରେ ବାଲ୍ୟବିବାହକୁ ବନ୍ଦ କରିବା ଓ ବାଳିକାଟିଏ କିଭଳି ସରକାରଙ୍କ ନାରୀ ସଶକ୍ତୀକରଣରେ ସାମିଲ ହୋଇପାରିବ ସେ ନେଇ ନାଟକର ବାର୍ତ୍ତା ରହିଥିଲା। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ନାଟକର ନିର୍ଦ୍ଦେଶନା ଦେଇଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ଗୀତିକାର କୃଷ୍ଣଚନ୍ଦ୍ର ଖରା ଶିରୋନାମ ସଙ୍ଗୀତ ଗାନ କରିଥିଲେ। ଛାତ୍ର ବିଶ୍ୱମ୍ଭର ମାଝି, ଦିନେଶ ଖିଲ, ମନୋଜ ଖେମୁଣ୍ଡୁ, ମନୋଜ ସାହୁ, ଜିତେନ୍ଦ୍ର ମଲ୍ଲିକ, ବଳରାମ ପାଙ୍ଗୀ, ଶଙ୍କର ପାଙ୍ଗୀ ଓ ଛାତ୍ରୀ ବିମଳା ଖିଲ, ସୁମିତ୍ରା ପାଙ୍ଗୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ସନ୍ତୋଷ ହନ୍ତାଳ ଓ ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଭଗବାନ ଖରା ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠୀ, ଏମ୍. ଜୟା, ସୁରଭି ପାଣିଗ୍ରାହୀ, କେଦାର ସାହୁକାର, ନରସିଂହ ଖୋସଲା, ସନ୍ତୋଷ ଦୋରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ହେବ ମଣ୍ଡପ ନିର୍ମାଣ

ନନ୍ଦପୁର, ୩୦।୧୧ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରଠାରେ ଏକ ମଣ୍ଡପ ନିର୍ମାଣ ନେଇ ଜିଲା ସତନ୍ତ୍ର ବିକାଶ ପରିଷଦ (ଏସ୍‌ଡିସି) ଉପାଧ୍ୟକ୍ଷ ଲକ୍ଷ୍ମୀ ହନ୍ତାଳ ଶୁଭ ଦେଇଛନ୍ତି। ନନ୍ଦପୁରବାସୀ ବିଶେଷକରି ମୃତ୍ତିକିଆ କାର୍ଯ୍ୟର ବିଧି ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ କରୁଛନ୍ତି। ଏଠାରେ ପୂର୍ବରୁ ଥିବା କଲ୍ୟାଣ ମଣ୍ଡପ ବହୁ ପୁରୁଣା ହୋଇଯାଇଥିବାରୁ ଏକ ମଣ୍ଡପର ଆବଶ୍ୟକତା ରହିଛି। ଏଥିପାଇଁ ଏସଡିସି ପାଣ୍ଠିରୁ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ବୋଲି ଉପାଧ୍ୟକ୍ଷ ହନ୍ତାଳ କହିଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ବିଧାୟକ ପ୍ରତିନିଧି ଗୋପାଳକୃଷ୍ଣ ବେବର୍ତ୍ତା, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ଲୁଲ, ଜିଲା ପରିଷଦ ସଦସ୍ୟ ବିଳାସିନୀ ନାୟକ, ଏସ୍‌ଡିସି ସଦସ୍ୟ ଉର୍ମିଳା ମୁଦୁଲି, କାର୍ତ୍ତିକ ଖେମୁଣ୍ଡୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପୂଜକ ଅନିଲ ପଣ୍ଡା ପୂଜାବିଧି ସମ୍ପନ୍ନ କରିଥିଲେ।

## ରାସ୍ତା ନିର୍ମାଣ ପାଇଁ ଡିଏଫ୍‌ଓଙ୍କ ଅନୁମତି ଲୋଡ଼ିଲେ ଗ୍ରାମବାସୀ

ଜୟପୁର,୩୦।୧୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ରଣସପୁର ପଞ୍ଚାୟତର ରାଣୀଗଡ଼ ଗ୍ରାମକୁ ସଂଯୁକ୍ତ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଅନୁମତି ଦେବାକୁ ସେମାନେ ଜୟପୁର ଡିଏଫ୍‌ଓ ପ୍ରତାପ ବେହେରାଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଅବସରରେ ଗ୍ରାମବାସୀ ଡିଏଫ୍‌ଓ ବେହେରାଙ୍କୁ ଦାବିପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ ରହିଛି, ରାଣୀଗଡ଼ ଗ୍ରାମକୁ ଯିବାକୁ ରାସ୍ତା ନାହିଁ। ୭୦ ପରିବାର ରହୁଥିବା ଏହି ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ଯାତାୟାତରେ ବହୁ ହଇରାଣ ହେଉଛନ୍ତି। ରାସ୍ତା ନିର୍ମାଣ ଲାଗି ଗ୍ରାମରେ ପଲ୍ଲିସଭା କରି ବୋରିଗୁମ୍ମା ବ୍ଲକ ପ୍ରଶାସନ ଓ ବନ ବିଭାଗ ନିକଟରେ ଦାବିକରାଯାଇଥିଲା। ଗ୍ରାମବାସୀଙ୍କ ଦାବିକୁ ବିଚାରକୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଅର୍ଥ ବ୍ୟବସ୍ଥା କରାଯାଇଛି। ଏହି ୩ କି.ମି. ଅଣ ଓସାରିଆ ରାସ୍ତାରେ କୌଣସି ଗଛ ନାହିଁ। ତେବେ ଏହା ଜଙ୍ଗଲ ବିଭାଗ ଅଧୀନରେ ରହିଥିବାରୁ ଏଥିପାଇଁ ଡିଏଫ୍‌ଓଙ୍କ ଅନୁମତିର ଆବଶ୍ୟକତା ରହିଛି। ଡିଏଫ୍‌ଓ ଅନୁମତି ଦେଲେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ।

## ମାଗଣା ବିହନ ଯୋଗାଇବାକୁ ଦାବି

ଜୟପୁର, ୩୦।୧୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲାରେ ଦ୍ୱିତୀୟ ଫସଲ ପାଇଁ ମାଗଣା ବିହନ ଯୋଗାଇ ଦେବାକୁ ମହିଳା ଲୋକ ବିକାଶ ମଞ୍ଚ ଓ ଲୋକ ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ବିଡିଓ ଶକ୍ତି ମହାପାତ୍ରଙ୍କୁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚାଷୀଙ୍କୁ ମାଗଣାରେ ବିହନ ଠିକ ସମୟରେ ଯୋଗାଇବା, ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଏହି ବିହନ ସହାୟତା ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ରର ନକଲ ଜିଲା ମୁଖ୍ୟ କୃଷି ଅଧିକାରୀ ଜୟପୁର, ଜିଲା କୃଷି ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଚନ୍ଦୁ ପୂଜାରୀ, ମନ ନାୟକ, କେଶବ ହରିଜନ, ବୁଦ୍ରା ଗାଦବା, ବିଶ୍ୱନାଥ ହରିଜନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅବ୍ୟବସ୍ଥାରେ ସରିଲା ବିକଶିତ ଭାରତ ସଂକଳ୍ପ ଯାତ୍ରା

- ହିତାଧିକାରୀଙ୍କ ସହ କଥାହେଲେ ପ୍ରଧାନମନ୍ତ୍ରୀ
- ବୋରିଗୁମ୍ମାର ହିତାଧିକାରୀଙ୍କୁ ମିଳିଲାନି ସୁଯୋଗ

ବୋରିଗୁମ୍ମା,୩୦।୧୧ (ବିଜୟ ସାହୁ)-

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକରେ ଗୁରୁବାର ଅନୁଷ୍ଠିତ ହୋଇଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଅବ୍ୟବସ୍ଥାରେ ଶେଷ ହୋଇଛି। ତେବେ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଜନହିତକାରୀ ଯୋଜନାର ସୁବିନିଯୋଗ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ପ୍ରଧାନମନ୍ତ୍ରୀଙ୍କ ସହ ସିଧାସଳଖ କଥାବାର୍ତ୍ତା ହୋଇଥିଲେ । ଏଥିପାଇଁ ହିତାଧିକାରୀ ଓ ବ୍ଲକ ପ୍ରଶାସନ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟକ୍ରମ ମାଧ୍ୟମରେ ଆନ୍ଧ୍ର ପ୍ରଦେଶ, ଜମ୍ମୁ କାଶ୍ମୀର ଏବଂ ଓଡ଼ିଶାର କେତେକ ଅଞ୍ଚଳର ହିତାଧିକାରୀଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଓଡ଼ିଶାର ରାୟଗଡ଼ା ଜିଲାର ଜଣେ ହିତାଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ସେ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୋରିଗୁମ୍ମାରେ ହିତାଧିକାରୀ ପ୍ରସ୍ତୁତ ଥିବା ସତ୍ତ୍ୱେ ସେମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେବାର ସୁଯୋଗ ମିଳି ନ ଥିଲା। ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତେବେ କାର୍ଯ୍ୟକ୍ରମ ବେଳେ ବିଭିନ୍ନ ଅବ୍ୟବସ୍ଥା ନଜରକୁ ଆସିଥିଲା। ବ୍ଲକ କାର୍ଯ୍ୟାଳୟଠାରେ କାର୍ଯ୍ୟକ୍ରମ ହେଉଥିଲେ ସୁଦ୍ଧା ଲୋକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ଠିକେ କରି ନ ଥିଲା ବ୍ଲକ ପ୍ରଶାସନ।



ବୋରିଗୁମ୍ମାରେ ଜନସାଧାରଣ କାର୍ଯ୍ୟକ୍ରମ ଦେଖୁଛନ୍ତି।

## ନିର୍ଯାତନାକୁ ସାହସ, ସ୍ୱାଭିମାନର ସହ ମୁକାବିଲା କରିବାକୁ ପରାମର୍ଶ

**ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ**

କୋରାପୁଟ,୩୦।୧୧ (ଅମିତାଭ ବେହେରା)

କୋରାପୁଟ ସରକାରୀ ମହାବିଦ୍ୟାଳୟ ଠାରେ ଗୁରୁବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାରୀ ଶିକ୍ଷା, ଯୌନ ନିର୍ଯାତନା, ବାଲ୍ୟ ବିବାହ, ଏବଂ ନାରୀ ସଶକ୍ତୀକରଣ ଲାଗି ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ଯୋଗଦେଇ ସମାଜରେ ଝିଅମାନଙ୍କ ସହ ଘଟୁଥିବା ବିଭିନ୍ନ ନିର୍ଯାତନା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହାକୁ ସାହସୀ ଓ ସ୍ୱାଭିମାନୀ ହୋଇ ମୁକାବିଲା କରିବା କ୍ଷେତ୍ରରେ ଆମେ କେତେ ଦୂର ସମର୍ଥ ହୋଇପାରିବା ସେନେଇ ମତ ରଖିଥିଲେ। ଉପଯୁକ୍ତ ଶିକ୍ଷା ଅଭାବରୁ ଅଳ୍ପ ବୟସରେ ଝିଅମାନେ ଗର୍ଭବତୀ ହେଉଥିବା ନେଇ ସେ ଉଦବେଗ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କୁଳଦୀପ ଲାକ୍ରା ସଭାପତିତ୍ୱ କରିଥିଲେ। ସମାଜିକ କର୍ମୀ ଡ. ଲୋପାମୁଦ୍ରା ସ୍ୱାଇଁ କାର୍ଯ୍ୟକ୍ରମର ଅଭିମୁଖ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରୀତିଧାରା ସାମଲ ପରିଚାଳନା କରିଥିଲେ। ଡ. ରଞ୍ଜନ ବାରିକ ସ୍ୱାଗତ ସୂଚନା ଓ ଡ. ସୁବ୍ରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## କ୍ରୀଡ଼ା ମଶାଲ ଉଦ୍‌ଘାଟନ କଲେ ବିଧାୟିକା

କୋଟପାଡ,୩୦।୧୧ (କେ. ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସମନ୍ୱୟ ଯୁବ ବିକାଶ ଯୋଜନାର କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିଧାୟିକା ପଦ୍ମିନୀ ଦିଆନ, ସମ୍ମାନିତ ଅତିଥି ରୂପେ ଆଇଟିଆଇ ଅଧ୍ୟକ୍ଷ ଇଞ୍ଜିନିୟର ବଳରାମ ସେଠୀ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାର



ବିଧାୟିକା ପଦ୍ମିନୀ ଦିଆନ କ୍ରୀଡ଼ା ମଶାଲକୁ ଉନ୍ମୋଚନ କରୁଛନ୍ତି।

**ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

ବର୍ତ୍ତମାନ ଯୁବଗୋଷ୍ଠୀର ଛାତ୍ରୀଛାତ୍ରଙ୍କୁ ଗୁରୁତ୍ୱ ଦେବା ସହ ଶିକ୍ଷା, ତାଲିମ ଓ ଖେଳକୁଦ ମାଧ୍ୟମରେ ସେମାନଙ୍କ ଶାରୀରିକ ଓ ମାନସିକ ବିକାଶ ନେଇ ଗୁରୁତ୍ୱ ଦେଉଛନ୍ତି। ଯୁବଗୋଷ୍ଠୀ ଏହାର ସୁଯୋଗ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୩ ଦିନ ଧରି ବିଭିନ୍ନ ଇଭେଣ୍ଟରେ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏଥିରେ ଅଂଶଗ୍ରହଣ କରିଥିବା ବିଜେତା, ଉପବିଜେତା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡିଛି। ପ୍ରଶିକ୍ଷଣ ଅଧିକାରୀ ଲକ୍ଷ୍ମୀକାନ୍ତ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବୈପାରିଗୁଡା, ୩୦।୧୧ (କଳ୍ପତରୁ ମହାନ୍ତି)

ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଗୁରୁବାର ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲା ପରିଷଦ ସଭ୍ୟ ରାଜେଶ୍ୱର ମହୁରିଆ, ମଣି ଜାନି, ସମିତିସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ସରପଞ୍ଚ ସୂର୍ଯ୍ୟମଣି ନାୟକ, ପୂର୍ବତନ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଟ୍ଟଳ ବିହାରୀ ସାମଲ, ପୂର୍ବତନ ସମ୍ପାଦକ ଭାଗୀରଥି ମୁର୍ଜିଆ, ସଭ୍ୟ ଏଙ୍କଟ ରାଓ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣା ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରମାନେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କ୍ରୀଡା ଶିକ୍ଷକ ଦିଲୀପ ରଥ ଓ ଦୁଃଶାସନ ସାହୁ ପରିଚାଳନା କରିଥିଲେ।



ଖେଳକୁଦରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

## ମା'ଷୋଳଭୁଜାଙ୍କୁ ଜଙ୍ଗଲରେ ପୂଜୁଛନ୍ତି ମହିଳା ପୂଜକ

**ମାନସିକ କଲେ ପୂରଣ କରୁଛନ୍ତି ମା'**

କୋରାପୁଟ,୩୦।୧୧ (ଅମିତାଭ ବେହେରା)

କୋରାପୁଟରୁ ଜୟପୁର ଦେଇ କୁନ୍ଦୁରା ଯିବା ବାଟରେ ପଡେ କଳିଆ ଗାଁ ଜଙ୍ଗଲ। ଏହି ଜଙ୍ଗଲରେ ପୂଜା ପାଉଛନ୍ତି ମା' ଷୋଳଭୁଜା। ଜଣେ ମହିଳା ସାଜିଛନ୍ତି ମା'ଙ୍କ ପୂଜକ। ଶ୍ରଦ୍ଧା ଓ ଭକ୍ତିରେ ଡାକିଲେ ସବୁ ବିପଦରେ ସାହା ହୁଅନ୍ତି ମା' ଷୋଳଭୂଜା। ତାଙ୍କ ନିକଟରେ ମାନସିକ ରଖିଲେ ମା'ଙ୍କ କରୁଣାରୁ ତାହା ପୂରଣ ହୋଇଥାଏ। ପଥର ମୂର୍ତ୍ତିରେ ଥିବା ଷୋହଳଟି ହାତରେ ବିଭିନ୍ନ ଅସ୍ତ୍ର ଶସ୍ତ୍ର ମା' ଧାରଣ କରିଥିବା କହନ୍ତି ପୂଜକ ରାଧାରାଣୀ ନାୟକ। ତେବେ ଏହି ମନ୍ଦିରକୁ ସେ ୧୫ ବର୍ଷ ତଳେ ନିର୍ମାଣ କରିଥିଲେ। ତେବେ ବହୁବର୍ଷ ଧରି ଦେବୀଙ୍କ ପ୍ରତିମୂର୍ତ୍ତିକୁ ତାଙ୍କ ପୂର୍ବଜମାନେ ଏକ ବିଶାଳ ବୃକ୍ଷ ତଳେ ମା'ଙ୍କୁ ପୂଜା କରି ଆସୁଥିଲେ ବୋଲି କହନ୍ତି ରାଧାରାଣୀ। ଜଙ୍ଗଲ ପରିବେଶରେ ଏହି ମନ୍ଦିର ଚାରିପାଖେ ବିଭିନ୍ନ ପ୍ରକାର ଚିକ୍କଣ ପଥର ପଡି ରହିଛି।



ମା'ଙ୍କୁ ପୂଜା କରୁଛନ୍ତି ରାଧାରାଣୀ।

ସମ୍ଭବତଃ ଏକ ଅର୍ଦ୍ଧନିର୍ମିତ ପୁରାତନ ମନ୍ଦିର ଥିଲା ତାହାର ଭଗ୍ନାବଶେଷ। ବିକ୍ଷିପ୍ତ ଭାବେ ପଡିରହିଥିବା ପଥରଗୁଡିକ ଦିଅନ୍ତି ଏହାର ପ୍ରମାଣ ବୋଲି କହନ୍ତି ସେ। ପଡିରହିଥିବା ଏହି ପଥରଗୁଡିକ ମଧ୍ୟରୁ ଅତୀତରେ ଶିବ ଲିଙ୍ଗ ଓ କାଳୀଙ୍କ ମୂର୍ତ୍ତି ମଧ୍ୟ ମିଳିଥିବା ନଜୀର ରହିଛି। ତେବେ ଷୋଳଭୁଜାଙ୍କ ନିକଟକୁ ଓଡ଼ିଶା ଏବଂ ଓଡ଼ିଶା ବାହାରୁ ଅନେକ ଶ୍ରଦ୍ଧାଳୁ ଆସିଥାନ୍ତି। ଅନ୍ୟପକ୍ଷରେ ଏଠାରେ ବିକ୍ଷିପ୍ତ ଭାବେ ପଡି ରହିଥିବା ପଥର ଓ ପ୍ରତିମୂର୍ତ୍ତି ପଞ୍ଚମ କିମ୍ବା ଷଷ୍ଠ ଶତାବ୍ଦୀର ବୋଲି କହନ୍ତି କୋରାପୁଟ ଜିଲାର ପର୍ଯ୍ୟଟନ ଗାଇଡ୍ ତଥା ଜୈନ ସଭ୍ୟତା ଉପରେ ଗବେଷଣା ଜାରି ରଖିଥିବା ଶରତ ରାଉତରାୟ। ସେମିଲିଗୁଡା ବ୍ଲକର ସୁବାଇସ୍ଥିତ ପ୍ରସିଦ୍ଧ ଜୈନ କୀର୍ତ୍ତିରାଜି ମଧ୍ୟରେ ଜୈନ ତୀର୍ଥଙ୍କରଙ୍କ ସହ ସମ୍ପର୍କିତ ଚକ୍ରେଶ୍ୱରୀ ଦେବୀଙ୍କ ଚବିଶ ଭୂଜା ଥିବା କାରଣରୁ କାଳିଆଗାଁରେ ପୂଜା ପାଉଥିବା ଷୋଳଭୁଜା ମଧ୍ୟ ଚକ୍ରେଶ୍ୱରୀ ହୋଇଥାଇପାରନ୍ତି ବୋଲି କହନ୍ତି ରାଉତରାୟ। ରାଜ୍ୟ ସରକାର କିମ୍ବା ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପ୍ରାଚୀନ ମୂର୍ତ୍ତିଗୁଡିକର ଇତିହାସ ସମ୍ପର୍କରେ ଗବେଷଣା ହେଲେ ଏହାର ରହସ୍ୟ ଉନ୍ମୋଚନ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଉଛି।

## ସଂକ୍ଷେପରେ

### ରାସ୍ତା ମଝିରେ ୩ ଭାଲୁ



ଉମରକୋଟ, ୩୦।୧୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟରେ ଗୁରୁବାର ଅପରାହ୍ନରେ ବନିପଦର ଓ ସର୍ଗୁଲି ରାସ୍ତା ମଝିରେ ୩ଟି ଭାଲୁ ବୁଲୁଥିଲେ। ସେମାନେ ଏକ ଉଇ ଗୁମ୍ଫାକୁ ଖୋଳି ଖାଉ ଥିବା ଦେଖିବାକୁ ମିଳିଛି। ସେହି ରାସ୍ତା ଦେଇ ଯାଉଥିବା ଲୋକେ ଭାଲୁମାନଙ୍କୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ୩ ଭାଲୁ ଲୋକଙ୍କୁ ଦେଖି ଜଙ୍ଗଲ ଭିତରକୁ ପଳାଇ ଥିଲେ।

### ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମି ପୂଜା

ଚନ୍ଦାହାଣ୍ଡି, ୩୦।୧୧(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗାୟତ୍ରୀ ପରିବାର ପକ୍ଷରୁ ମୀନା ବଜାର ପଡ଼ିଆରେ ହେବାକୁ ଥିବା ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର କାର୍ଯ୍ୟକ୍ରମ ପାଇଁ ଭୂମି ପୂଜା ଓ ଦେବ ଦମ୍ପତି ମହାସମ୍ମିଳନୀ ଅନୁଷ୍ଠିତ ହୋଇଛି। ଛତିଶଗଡ଼ ରାଜ୍ୟର ଗରିଆବନ୍ଧ, ନୂଆପଡା, କଳାହାଣ୍ଡି, ନବରଙ୍ଗପୁର ଅଞ୍ଚଳର ଶ୍ରଦ୍ଧାଳ ମାନେ ଭାଗ ନେଇଥିଲେ। ଗାୟତ୍ରୀ ପରିବାର ସମେତ ପ୍ରାୟ ୧୦୦୦ ଦମ୍ପତି ପୂଜାର୍ଚ୍ଚନା କରିଥିଲେ। ଗାୟତ୍ରୀ ପରିବାର ଶାନ୍ତି କୁଞ୍ଜ ହରିଦ୍ୱାରରୁ ସୁରେନ୍ଦ୍ର ବର୍ମା, ମାତାଜୀ ଶଶିକଳା ବର୍ମା ଯୋଗଦେଇଥିଲେ। ରବିନ୍ଦ୍ର ଗୌଡ଼ ଓ ଅର୍ଜ୍ଜୁନ ସାହୁ କର୍ମକାଣ୍ଡ ପରିଚାଳନା କରିଥିଲେ। ଶାନ୍ତି କୁଞ୍ଜରୁ ଆସିଥିବା ଋଷିଙ୍କୁ ନବ ଗଠିତ ଯଜ୍ଞ ପରିଚାଳନା ସମିତି ଅଧ୍ୟକ୍ଷ



ସରୋଜ କୁମାର ଅଗସ୍ତିଙ୍କ ନେତୃତ୍ୱରେ ପୌରଷ ମାଝି, ପ୍ରଦୀପ ଅଗସ୍ତି, ଦୃତିବାହାନ ଖମାରୀ, ପୁରୁଷୋତ୍ତମ ପାରୀ, ହୃଷିକେଶ ମାଝି, ଜୟରାମ ପୂଜାରୀ, ମହାଦେବ ମାଝି, କମଲୁ ରାଉତ, ନୂତନ ଝରିଆ, ନଳିନୀ ଦାସ ସପତ୍ନିକ ଦେବ ମଞ୍ଚକୁ ସ୍ୱାଗତ କରିଥିଲେ। କୋରାପୁଟ ସବ୍‌ଜୋନ୍ ସଂଯୋଜକ ବାଲ୍ମୀକି ପ୍ରଧାନ, ନବରଙ୍ଗପୁର ଜିଲା ସଂଯୋଜକ ଉପେନ୍ଦ୍ର ନାଗ, ଚନ୍ଦାହାଣ୍ଡି ବ୍ଲକ ସଂଯୋଜକ ହୁସିଆର ବିଶି, ଚନ୍ଦାହାଣ୍ଡି ଶକ୍ତି ପୀଠ ସଂସ୍ଥାପକ ମଧୁକର ଦାସ, ନବରଙ୍ଗପୁର ଜିଲା ସଂଗଠକ ଅରୁଣ ପ୍ରସନ୍ନ ନାୟକ ଓ ଚନ୍ଦାହାଣ୍ଡି ବ୍ଲକ ଅନ୍ୟ ପଞ୍ଚାୟତର କର୍ମକର୍ତ୍ତା କାର୍ଯ୍ୟକ୍ରମର ତଦାରଖ କରିଥିଲେ। କାର୍ଯ୍ୟକ୍ରମରେ ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦ, ଭବାନୀ ବାହିନୀ, ଖବରଦାତା ସଂଘ, ଅଧିବକ୍ତା ସଂଘ ସଦସ୍ୟଙ୍କ ସହ ବିଭିନ୍ନ ଜାତି ସମାଜର ମୁଖିଆ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଜିଲା ଗାୟତ୍ରୀ ପରିବାର ଓ ଶାନ୍ତି କୁଞ୍ଜ ହରିଦ୍ୱାର ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ପରିଚାଳିତ ହୋଇଥିଲା।

### ଧାନ ପରବର୍ତ୍ତୀ ଚାଷ ନେଇ କ୍ଷେତ୍ର ପରିଦର୍ଶନ

ତେନ୍ତୁଳିଖୁଣ୍ଟି, ୩୦।୧୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଏକ କୃଷିଭିତ୍ତିକ ଜିଲା। ଏଠାରେ ଜଳସେଚନ ବ୍ୟବସ୍ଥା ଯଥେଷ୍ଟ ନ ଥିବାରୁ ତାହା ଶୁଷ୍କ ଅଞ୍ଚଳ ଭାବେ ପରିଚିତ। ଚଳିତ ଖରିଫଋତୁରେ ବର୍ଷା କମ୍ ଯୋଗୁ ଧାନରୁ ଲାଭ ପାଇବା ଆଶା କମ୍। ଏଣୁ ଧାନ ଫସଲ ପରବର୍ତ୍ତୀ ଡାଲିଜାତୀୟ ଫସଲ କରିବା ଚାଷୀ ପାଇଁ ଲାଭଦାୟକ ହେବ। ଅନ୍ତର୍ଜାତୀୟ ଶୁଷ୍କାଞ୍ଚଳ ଗବେଷଣା କେନ୍ଦ୍ର ଦ୍ୱାରା ରାଜ୍ୟ କୃଷି ବିଭାଗ ପ୍ରାୟୋଜିତ ଧାନ ପରବର୍ତ୍ତୀ ଫସଲ ପରିଚାଳନା କାର୍ଯ୍ୟକ୍ରମ ପାଇଁ ଆଇ ସିଆର୍‌ଆଇଏସ୍‌ଏଟିର ସହଯୋଗୀ ସଂସ୍ଥା ପାନ ଏଗ୍ରି କନ୍‌ସଲ୍‌ଟାନ୍ସି ଅଧିକାରୀ ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ। ବିହନ ବଣ୍ଟନ ସହ ସାର ଓ ଅଣୁ ସାର ପ୍ରୟୋଗ, ଫୁଲ ଚାଷ ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ଉକ୍ତ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ ନାୟକ, ଇମେଜର ପୂର୍ବତନ ନିର୍ଦ୍ଦେଶକ ପ୍ରଦୋଷ ପଟ୍ଟନାୟକ, ପୂର୍ବତନ ଯୁଗ୍ମ କୃଷି ନିର୍ଦ୍ଦେଶକ ଗୁରୁପ୍ରସାଦ ତ୍ରିପାଠୀ, ଜିଲା ସଂଯୋଜକ ଅଶୋକ ପଟ୍ଟନାୟକ ଟିମ୍‌ରେ ସାମିଲ ଥିଲେ। ତେନ୍ତୁଳିଖୁଣ୍ଟି ସହକାରୀ କୃଷି ଅଧିକାରୀ ମାନସ ନାୟକ, ନନ୍ଦାହାଣ୍ଡି ସହକାରୀ କୃଷି ଅଧିକାରୀ ଅମିତ ମଲ୍ଲିକ, ଆତ୍ମାର ଏଟିଏମ୍ ବାଲଗୋବିନ୍ଦ ସାହୁ କ୍ଷେତ୍ର ପରିଦର୍ଶନ ବେଳେ ଉପସ୍ଥିତ ଥିଲେ। ଦିଗି ସଲପାର କୃଷକ କୁନ୍ତୀ ପଣ୍ଡା, ସୁରଜ ପତି, ଭାସ୍କର ବେହେରା ଓ ପଙ୍କୁ ଗୌଡ଼ଙ୍କ କ୍ଷେତ୍ର ପ୍ରସ୍ତୁତି ପରଖିଥିଲେ।

# ମୋବାଇଲ, ବାଇକ୍ ଲାଇଟ୍ ଲଗାଇ ମୃତଦେହ ସତ୍କାର

ଉମରକୋଟ, ୩୦।୧୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ୧୩ ନମ୍ବର ୱାର୍ଡରେ ଥିବା ପୁରାତନ ଶ୍ମଶାନ ଉପରେ ମୃତଦେହ ସତ୍କାର ପାଇଁ ୩ଟି ୱାର୍ଡର ଲୋକେ ନିର୍ଭର କରନ୍ତି। କିନ୍ତୁ ଏହାର ଅବସ୍ଥା ଶୋଚନୀୟ। ଏଠାରେ କରେଣ୍ଟ ବ୍ୟବସ୍ଥା ନ ଥିବାରୁ ରାତିରେ ଲୋକେ ମୋବାଇଲ ଲାଇଟ୍‌ରେ ମୃତଦେହ ସତ୍କାର କରୁଛନ୍ତି। ଏଭଳି ଏକ ଘଟଣା ବୁଧବାର ରାତିରେ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ ବୁଧବାର ଡିଏନ୍‌କେ ବସ୍ତିର ବୃଦ୍ଧା ମଥୁରା ହରିଜନ (୭୬)ଙ୍କର ଅସୁସ୍ଥତା କାରଣରୁ ମୃତ୍ୟୁ ହୋଇଥିଲା। ମୃତଦେହକୁ ଉମରକୋଟ ଡିଏନ୍‌କେରେ ଥିବା ଶ୍ମଶାନକ ସତ୍କାର ପାଇଁ ନିଆଯାଇଥିଲା। କିନ୍ତୁ ସେଠାରେ ଆଲୁଅ ବ୍ୟବସ୍ଥା ନ ଥିବାରୁ ଲୋକେ ମୋବାଇଲ ଲାଇଟ ଲଗାଇ ମୃତଦେହ ସତ୍କାର କରିଥିଲେ। ଉକ୍ତ ଶଶ୍ମାନରେ ମୃତଦେହ ସତ୍କାର



ଲୋକମାନେ ଟର୍ଚ୍ଚ ଲଗାଇ ବୃଦ୍ଧା ମଥୁରାଙ୍କ ମୃତଦେହ ସତ୍କାର କରୁଛନ୍ତି।

**ଶ୍ମଶାନରେ ନାହିଁ ଆଲୋକ ବ୍ୟବସ୍ଥା**

କରିବାକୁ ଲୁହା ଖୁଣ୍ଟି ବ୍ୟବସ୍ଥା ନାହିଁ। ଶ୍ମଶାନ ପାଚେରୀ ଭାଙ୍ଗି ନଷ୍ଟ ହୋଇ ଗଲାଣି। ମଶାଣି ପରିସରରେ ଲଟା ବୁଦାରେ ପରିପୂର୍ଣ୍ଣ ହୋଇରହିଛି। ଆଲୋକ ବ୍ୟବସ୍ଥା ନ ଥିବାରୁ ରାତିରେ ମୃତଦେହ ସତ୍କାର ପାଇଁ ବିଶେଷ ଅସୁବିଧା ହେଉଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ପ୍ରୀତି ରଞ୍ଜନ ରଥଙ୍କୁ ପଚାରିବାରୁ ମୁଁ ନୂଆରେ ଦାୟିତ୍ୱ ନେଇଛି। ସମସ୍ୟା ସମ୍ପର୍କରେ ବିଶେଷ ଜାଣିନାହିଁ। ଦୁଇ ତିନି ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ, ଟାଙ୍ଗିଆରେ ହାଣି ହତ୍ୟା

ପାପଡ଼ାହାଣ୍ଡି,୩୦।୧୧(ସ୍ୱପ୍ନଜିତ ପଟ୍ଟନାୟକ)

ପୂର୍ବ ଶତ୍ରୁତା କେନ୍ଦ୍ର କରି ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ପ୍ରଧାନୀଗୁଡ଼ାରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଲକ୍ଷ୍ମଣ ଗୌଡ଼। ଅଭିଯୁକ୍ତ ଯୋଗ ଗୌଡ଼ଙ୍କୁ ପାପଡ଼ାହାଣ୍ଡି ଥାନା ପୋଲିସ ଗିରଫ କରିଛି। କେସ୍ ନଂ. ୨୦୪/୨୩ରେ ହତ୍ୟା ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

ଜମିଜମାକୁ ନେଇ ଯୋଗ ଓ ଲକ୍ଷ୍ମଣଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। ସେମାନଙ୍କ ମଧ୍ୟରେ ଏହାକୁ ନେଇ ଅନେକ ସମୟରେ ଝଗଡ଼ା ମଧ୍ୟ ହୁଏ। ଗୁରୁବାର ଗାଁ ପାଖ ନାଳ ନିକଟରେ ଉଭୟ ଯୋଗ ଓ ଲକ୍ଷ୍ମଣଙ୍କ ମଧ୍ୟରେ ଗଣ୍ଡୋଗଳ ହୋଇଥିଲା। ଗଣ୍ଡୋଗଳ ଉଗ୍ରରୂପ ନେଇଥିଲା। ପରସ୍ପର ହାତାହାତି ମଧ୍ୟ ହୋଇଥିଲେ। ଏହାପରେ ଯୋଗ ଟାଙ୍ଗିଆରେ ଲକ୍ଷ୍ମଣଙ୍କୁ ଆକ୍ରମଣ କରି ନାଳରେ ଫିଙ୍ଗି ଚାଲିଯାଇଥିଲେ। ଘଟଣା ସମ୍ପର୍କରେ ଖବରପାଇ ଲକ୍ଷ୍ମଣଙ୍କ ପରିବାର ଲୋକେ ସେଠାରେ ପହଞ୍ଚିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ନାଳରୁ ଲକ୍ଷ୍ମଣଙ୍କୁ ଉଦ୍ଧାର କରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଲକ୍ଷ୍ମଣଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଆଇଆଇସି ଦୀପକ କୁମାର ଜେନା ଏହାର ତଦନ୍ତ କରୁଛନ୍ତି।

# ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ତାଲିମ ଶିବିର



ଶିବିରରେ ଉପସ୍ଥିତ ତାଲିମାର୍ଥୀ।

କୋଷାଗୁମୁଡ଼ା, ୩୦।୧୧(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍‌ର ବାର୍ଷିକ ଶିକ୍ଷା ତଥା ତାଲିମ ଶିବିର ଶୁଭାରମ୍ଭ କରାଯାଇଛି। ଡିଇଓ ପ୍ରଦୀପ କୁମାର ନାଗ ପ୍ରଦୀପ ପ୍ରଜ୍ଜ୍ୱଳନକରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥିଭାବେ ଏଡିଇଓ ରେଶମଲାଲ ନାୟକ ଓ ବିଶ୍ୱନାଥ ସାହୁ ଯୋଗଦେଇଥିଲେ। ଶିବିରରେ ଜିଲାର ୧୦ ବ୍ଲକରୁ ୩୩୮ ଛାତ୍ରୀଛାତ୍ର ଓ ୧୨୫ ଜଣ କାଉନ୍‌ସିଲର ଭାଗ ନେଇଛନ୍ତି। ୩ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ପତାକା ଉତ୍ତୋଳନ ସହ ଯୋଗ, ପ୍ରାଣାୟମ, ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ୩ ଦିନ ଧରି ବିଭିନ୍ନ ସେବା କାର୍ଯ୍ୟ ସମ୍ବନ୍ଧୀୟ ସୂଚନ ଦିଆଯାଇଛି। ଜୁନିୟର ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦିଆଯିବ। ଅବସର ସମୟରେ ସେମାନଙ୍କ ଦ୍ୱାରା ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

### ନୃତ୍ୟଗୀତରେ ସଚେତନତା ବାର୍ତ୍ତା

କୋଡ଼ିଙ୍ଗା, ୩୦।୧୧(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ପୋଲିସ ପକ୍ଷରୁ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ସାଇବର କ୍ରାଇମ, ଟ୍ରାଫିକ ନିୟମ, ବାଲ୍ୟ ବିବାହ, ବ୍ୟାଙ୍କ ଠକେଇ, ମଦ୍ୟପାନ କରି ଗାଡି ନ ଚଳାଇବା, ହେଲ୍‌ମେଟ ବ୍ୟବହାର ସମ୍ପର୍କରେ ସଚେତନ କରାଯାଇଛି। ମାଦେଇଗାଁ ସରପଞ୍ଚ ସରମା ଭତ୍ରା ମୁଖ୍ୟ ଅତିଥି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର, କୋଡ଼ିଙ୍ଗା ଏଏସ୍‌ଆଇ ପ୍ରଦୀପ ବାଘ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ସମାଜରେ ଚାଲିଥିବା କୁସଂସ୍କାର, ଅନ୍ଧବିଶ୍ୱାସ, ବାଲ୍ୟବିବାହ ଓ ଏ ନେଇ ରହିଥିବା ଆଇନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ମଦେଇଗାଁ ହାଇସ୍କୁଲ ଛାତ୍ରୀଛାତ୍ର ବିଭିନ୍ନ ନୃତ୍ୟଗୀତରେ ସଚେତନତା ବାର୍ତ୍ତା ଦେଇଥିଲେ। କୋଡ଼ିଙ୍ଗା ଏଏସ୍‌ଆଇ ବାଘ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।

# ଓଡ଼ିଶା ମିଲେଟ ମିଶନ କ୍ଷେତ୍ର ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଚାଷୀ ଓ ଅନ୍ୟମାନେ।

ଡାବୁଗାଁ, ୩୦।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଜୁନାପାଣି ପଞ୍ଚାୟତର ମାଝିଗୁଡ଼ା ଗ୍ରାମରେ ମିଲେଟ ଡେମୋ କ୍ରାଟିକ ଆକ୍ସନ ପକ୍ଷରୁ ବୁଧବାର କ୍ଷେତ୍ର ଦିବସ ପାଳିତ ହୋଇଯାଇଛି । ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ ମୁଖ୍ୟ ଅତିଥି, କୃଷି ପରିଦର୍ଶକ ମମତା ସାହୁ, ବ୍ଲକ ବୈଷୟିକ ପରିଚାଳକ ସୁରେନ୍ଦ୍ର ସିଂ କୌରବ, ଡେମୋକ୍ରାଟିକ ଆକ୍ସନ ସଂସ୍ଥା କର୍ମକର୍ତ୍ତା ନବୀନ ମହୁରିଆ, ସିଇଓ ସିଦ୍ଧାର୍ଥ ଜଏଲ, ସିଆର୍‌ପି ସୁବାସ ଭତରା, ଗୁରୁବନ୍ଧୁ ଭତରା, ବସମନ ମାଳି, ବସନ୍ତ ପୂଜାରୀ ଏବଂ ମାଣ୍ଡିଆ ଚାଷୀ ଉପସ୍ଥିତ ଥିଲେ। ଏହି ମଣ୍ଡିଆ କ୍ଷେତ୍ରରେ ୧୦ ପ୍ରକାର ମାଣ୍ଡିଆ ଚାଷ କରାଯାଇଛି। ଏଥିରୁ କେଉଁ ମାଣ୍ଡିଆ ଭଲ ହୋଇଛି ତାହା ବାଛିବା ପାଇଁ ୩ଟି ଚାଷୀ ଗ୍ରୁପ୍ ଗଠନ କରିବାକୁ କୁହାଯାଇଛି। ତହିଁରୁ ୩ ଟି ଗ୍ରୁପ୍ ତିନି ପ୍ରକାର ମାଣ୍ଡିଆ ଚୟନ କରିବେ। ୧ମ, ୨ୟ ଓ ୩ୟ ଅନୁସାରେ ମାର୍କ ଦେଲେ ଏବଂ ମାଣ୍ଡିଆର କ୍ରପ କଟିଂ କରାଗଲା। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ମହିଳା ଚାଷୀଙ୍କୁ ଅବଗତ କରାଯାଇଛି।

# ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ କ୍ରୀଡ଼ା ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଉମରକୋଟ, ୩୦।୧୧(ସନ୍ତୋଷ ଶତପଥୀ)

ଉମରକୋଟ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ସମ୍ମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଚାଲିଛି। ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗର ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷା ଦୀପିକା ସରକାର କାର୍ଯ୍ୟକ୍ରମ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମ ଦିନରେ ୧ଶହ, ୨ଶହ ମିଟର ଦୌଡ଼, ଜାଭଲିନ,ଶଟ୍‌ପୁଟ, ଡିସ୍‌କସ୍ ଥ୍ରୋ, ଫୁଟବଲ ଭଳି କ୍ରୀଡ଼ା ଆୟୋଜିତ କରାଯାଇଛି। କୃତୀ ପ୍ରତିଯୋଗୀଙ୍କୁ ୨ ତାରିଖରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ଶିଳ୍ପ ତାଲିମ କେନ୍ଦ୍ରର ଟ୍ରେନିଂ ଅଫିସର ପି.କେ. ବରମନ ଓ ସୁଶାନ୍ତ କୁମାର ଡାକୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଳ୍ପ ତାଲିମ କେନ୍ଦ୍ର ବରିଷ୍ଠ ପ୍ରଶିକ୍ଷକ ସୌରଭ ମିଶ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମରେନ୍ଦ୍ର ପଣ୍ଡା, ନୀଳକଣ୍ଠ ମିଶ୍ର, ବଡ଼ବାବୁ, ସଞ୍ଜୟ ପରିଡା, ପ୍ରଦୋଷ ମହାପାତ୍ର, ଜାନୁରାମ ସୋରେନ, ସିଂ ରାଇ ମୁର୍ମୁ , ଏ.କେ. ନାୟକ , ଅଜୟ କସରିୟା, ଦୀପ୍ତିମୟୀ ସିନହାରୀ, ସଂଯୁକ୍ତା ଡାକୁଆ ଓ ବାଲାଜୀ ବେହେରା ଉପସ୍ଥିତ ଥିଲେ।

### ବିକାଶ ଭାରତ ସଂକଳ୍ପ ଯାତ୍ରା ଉଦ୍‌ଯାପିତ

ଡାବୁଗାଁ, ୩୦।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଅଞ୍ଚଳା ପଞ୍ଚାୟତ କାର୍ଯ୍ୟାଳୟରେ ବିକାଶ ଭାରତ ସଂକଳ୍ପ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହାପରେ ଏକ ସ୍ୱାସ୍ଥ୍ୟମେଳା କରାଯାଇଛି। ସ୍କୁଲ ପିଲାମାନେ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗରିବ ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଗ୍ୟାସ ପାଇଁ ପଞ୍ଜୀକରଣ କରଯାଇଥିଲା। ୩ ସୁସ୍ଥ ଶିଶୁଙ୍କୁ ପୁରସ୍କୃତ କରଯାଇଛି। ଏହି ଅବସରରେ ଏବିଡିଓ ପଦ୍ମନାଭ ତ୍ରିପାଠୀ, ଅଞ୍ଚଳା ସରପଞ୍ଚ ରମେଶ ମାଝି, ସମିତି ସଭ୍ୟ ଭଗବତୀ ପନକା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ଅଙ୍ଗନୱାଡି ସୁପରଭାଇଜର କୁନମୁନ ସେନାପତି, ବନରକ୍ଷୀ ସରସ୍ୱତୀ ମେହେର, ଗ୍ରାମ ରୋଜଗାର ସେବକ ସନ୍ତୋଷ ମହାନ୍ତି, ୱାର୍ଡ ସାଭ୍ୟାସଭ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଏସ୍‌ଏଚ୍‌ଜି ମହିଳା ଓ ଜନସାଧାରଣ ଲୋକେ ଉପସ୍ଥିତ ଥିଲେ।

# ସାଇବର ଠକେଇରୁ ବଞ୍ଚିବା, ବାଲ୍ୟବିବାହ ରୋକିବା



ବୈଠକରେ ପୋଲିସ ଅଧିକାରୀ, ଅତିଥି, ବୁଦ୍ଧିଜୀବୀ, ସ୍ଥାନୀୟ ଲୋକେ।

ଝରିଗାଁ,୩୦।୧୧(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ ଗୁଡିପଦର ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଝରିଗାଁ ପୋଲିସ ପକ୍ଷରୁ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝରିଗାଁ ଥାନାଧିକାରୀ ତପନ କୁମାର ପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ତେଲନଦୀ ସରପଞ୍ଚ ରାଜୁ ସାନ୍ତା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲଛମନ ଗଣ୍ଡ ଅତିଥିଭାବେ ଯୋଗଦେଇଥିଲେ। ଗ୍ରାମର ବହୁ ମହିଳା ପୁରୁଷ, ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏଥିରେ ସ୍ଥାନୀୟ ସମସ୍ୟା, ପୋଲିସ ଓ ଜନସମ୍ପର୍କ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସାମାଜିକ ଗଣମାଧ୍ୟମ ବ୍ୟବହାରରେ ସତର୍କତା, ପିଲାମାନଙ୍କୁ ସାଇବର ଅପରାଧରୁ ସୁରକ୍ଷିତ ରଖିବା, ବିଭିନ୍ନ ଅର୍ଥ କାରବାରରେ ସତର୍କତା, ଅନ୍‌ଲାଇନ ଶପିଙ୍ଗ, ଟାୱାର ବସେଇବା ନାମରେ ହେଉଥିବା ଠକେଇ, ମିଥ୍ୟା ନିଯୁକ୍ତି ଭଳି ଅନେକ ସାଇବର ଠକେଇରେ ଲୋକେ ଶିକାର ହେଉଛନ୍ତି। ଏଥିରୁ କିଭଳି ରକ୍ଷା ମିଳିବ ସେନେଇ ଥାନାଧିକାରୀ ସଚେତନ କରିଛନ୍ତି। ସେହିପରି ବାଲ୍ୟବିବାହ ନିରାକରଣରେ ପ୍ରଶାସନକୁ ସହଯୋଗ କରିବା, ବାଲ୍ୟବିବାହ ନିରାକରଣରେ ମା' ମାନଙ୍କର ଭୂମିକା ସମ୍ପର୍କରେ ସେ ବୁଝାଇଥିଲେ। ବହୁ ସଂଖ୍ୟାରେ ଶ୍ରମିକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। କାର୍ଯ୍ୟ କ୍ଷେତ୍ରରେ ଦାଦନ ଶ୍ରମିକ ପରିବାରର ପୁରୁଷ, ମହିଳା, ଶିଶୁ ନିର୍ଯାତିତ ହେବା ସହ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ଆସୁଛି। ନାବାଳିକା ନାବାଳକମାନଙ୍କୁ ଇଟାଭାଟିରେ ଶାରୀରିକ ଏବଂ ମାନସିକ ନିର୍ଯାତନା ଦିଆଯାଉଛି। ଏହାକୁ ରୋକିବାକୁ ସଚେତନତା ଜରୁରୀ ବୋଲି ଥାନାଧିକାରୀ କହିଛନ୍ତି।

# ବୃଦ୍ଧାଶ୍ରମର ୫ ଅନ୍ତେବାସୀଙ୍କୁ ଆଧାର କାର୍ଡ

ନବରଙ୍ଗପୁର, ୩୦।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ନିର୍ମଳ ଆକାଶ ବୃଦ୍ଧାଶ୍ରମର ୫ ଜଣ ଅନ୍ତେବାସୀଙ୍କୁ ଆଧାର କାର୍ଡ ମିଳିଛି। ଜିଲା ଆଇନ ସେବା ପ୍ରାଧିକରଣର ପ୍ରଚେଷ୍ଟାରୁ ସେମାନଙ୍କୁ ଏହି ସୁବିଧା ମିଳିପାରିଛି। ପ୍ରକାଶ ଯେ, ଆଧାର କାର୍ଡ ନ ଥିବାରୁ ଏହି ଅନ୍ତେବାସୀମାନେ ବାର୍ଦ୍ଧକ୍ୟ ଭତ୍ତା ସହ ଅନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିଲେ। ଏହା ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣର ନଜରରେ ଆସିଥିଲା। ଏହି ଖବର ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜନକ ରାଉତଙ୍କ ପାଖରେ ପହଞ୍ଚିଥିଲା। ସଚିବ ରାଉତ କଥାଟିର ଗୁରୁତ୍ୱ

**ଜିଲା ଆଇନ ସେବା ପ୍ରାଧିକରଣ ପ୍ରଚେଷ୍ଟା**

ବୁଝି ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ସହ ଆଲୋଚନା କରିଥିଲେ। ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକଙ୍କ ସହ କଥା ହୋଇଥିଲେ। ୫ ଜଣ ବରିଷ୍ଠ ନାଗରିକଙ୍କୁ କିପରି ସାହାଯ୍ୟ ମିଳିପାରିବ ସେ ବ୍ୟବସ୍ଥା କରିବାକୁ କହିଥିଲେ। ଏହି ନିର୍ଦ୍ଦେଶକ୍ରମେ ୫ ବରିଷ୍ଠ ନାଗରିକଙ୍କୁ ତାଙ୍କ ଆଧାର କାର୍ଡ ଜିଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି।



ଅନ୍ତେବାସୀମାନେ ସେମାନଙ୍କୁ ମିଳିଥିବା ଆଧାରକାର୍ଡ ଦେଖାଉଛନ୍ତି।

# ଏମ୍‌ବିକେ, ବ୍ୟାଙ୍କ୍ ମିତ୍ର ଚୟନରେ ଅନିୟମିତତା ଅଭିଯୋଗ

ଚନ୍ଦାହାଣ୍ଡି,୩୦।୧୧ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ମିଶନ ଶକ୍ତି ପକ୍ଷରୁ ପଞ୍ଚାୟତସ୍ତରରେ ସିଆର୍‌ପି-ସିଏମ୍ , ଏମ୍‌ବିକେ, ବ୍ୟାଙ୍କ ମିତ୍ର ପଦବୀ ପୂରଣ ପାଇଁ ମାର୍ଚ୍ଚ ୨୦୨୩ରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଇଚ୍ଛୁକ ପ୍ରାର୍ଥିନୀମାନେ ବିଏଲ୍‌ଏଫ୍‌ଙ୍କ ଠିକଣାରେ ଆବେଦନ କରିଥିଲେ। କିନ୍ତୁ ଏହି ଚୟନରେ ଅନିୟମିତତା ହୋଇଥିବା କେତେଜଣ ଆବେଦନକାରୀ ଅଭିଯୋଗ କରିଛନ୍ତି। ପୂର୍ବରୁ ନିଯୁକ୍ତି ଆଦେଶ ଥରେ ଦିଆଯାଇ ଫେରସ୍ତ ଅଣାଯାଇଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି।

ଅଭିଯୋଗକାରୀଙ୍କ କହିବାନୁସାରେ ଆବେଦନକାରୀଙ୍କ ଦରଖାସ୍ତକୁ ମାର୍ଗଦର୍ଶିକାକୁ ଅନୁସରଣ କରି ଯାଞ୍ଚ କରିବା କଥା। ଆବେଦନକାରୀ ଏସ୍‌ଏଚ୍‌ଜି ସଦସ୍ୟ ହେବା ଜରୁରୀ। ଏଥିସହ ସିଆର୍‌ପିସିଏମ୍ ପାଇଁ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ୍, ଏମ୍‌ବିକେ ଓ ବ୍ୟାଙ୍କ ମିତ୍ର ପାଇଁ ଯୁକ୍ତ ୨ ପାସ୍ କରିବା ଜରୁରୀ। କିନ୍ତୁ ଏ ସବୁ ଦିଗରେ ଧ୍ୟାନ ଦିଆ ନ ଯାଇ ବିଏଲ୍‌ଏଫ୍ ଯାଞ୍ଚ କମିଟିର ସଦସ୍ୟ ମନଇଚ୍ଛା ପୋଜିସନ ର୍ୟାଙ୍କ ତାଲିକା ପ୍ରସ୍ତୁତ କରିଛନ୍ତି। ଶରଧାପୁର ପଞ୍ଚାୟତରେ ଏମ୍‌ବିକେ ପଦବୀରେ ୧୯ ଜୁନ୍‌ରେ ଭୂମିସୂତା ସୁନାଙ୍କୁ ନିଯୁକ୍ତି ଆଦେଶ ଚିଠି ନଂ. ୨୭୧ ତା ୧୯.୦୬.୨୦୨୩ ପ୍ରକାରେ ପ୍ରଦାନ କରାଯାଇଥିଲା। ବିଡିଓଙ୍କ ସିଲ୍ ଓ ଦସ୍ତଖତ ହୋଇନାହିଁ କହି ତାଙ୍କ ନିଯୁକ୍ତି ଆଦେଶକୁ ବିଭାଗ ପକ୍ଷରୁ ଫେରାଇ ନିଆଯାଇଥିଲା। ସେ ସମୟରେ ତାଙ୍କ ପୋଜିସନ ର୍ୟାଙ୍କ କ୍ରମିକ ନମ୍ବର ୧ ରେ ଓ ୱେଟେଗ ମାର୍କସ ୧୭ ଥିଲା। ବର୍ତ୍ତମାନ ପାଜିସନ୍ ର୍ୟାଙ୍କରେ ନାମ କ୍ରମିକ ୩ରେ ୱେଟେଗ ମାର୍କସ ୧୦ ଦର୍ଶାଇ ତାଙ୍କୁ ପକ୍ଷପାତ କରାଯାଇଛି ବୋଲି ଭୂମିସୂତା ଅଭିଯୋଗ ଆଣିଛନ୍ତି। ଦରଖାସ୍ତ ଗ୍ରହଣ କରି ପୋଜିସନ ରେଙ୍କ ତାଲିକାରେ ନାମ ତାଲିକାଭୁକ୍ତ ନ କରି ଦରଖାସ୍ତ ଯାଞ୍ଚ ନକରି ଆବେଦନ ପତ୍ରକୁ ଗୁରୁତ୍ୱ ଦିଆ ନ ଯାଇ ଅନ୍ୟ ମହିଳାଙ୍କୁ ସ୍ଥାନ ଦିଆଯାଇଛି ବୋଲି ଫଟକି ଆଶାୟୀ ପ୍ରାର୍ଥିନୀ ସନୀତା ପଟେଲ କହିଛନ୍ତି। ବିନା ଯାଞ୍ଚରେ ବେନିୟମ ଭାବେ ପୋଜିସନ ର୍ୟାଙ୍କ ପ୍ରସ୍ତୁତି କରାଯାଇଥିବା ନେଇ ଚନ୍ଦାହାଣ୍ଡି ପଞ୍ଚାୟତର ଏମ୍‌ବିକେ ପଦବୀ ପାଇଁ ଆଶାୟୀ ଆବେଦନକାରୀ ଉଲ୍ଲାସ ମାଝି ଏବଂ ଅନକାବେଡା ପଞ୍ଚାୟତର ଏମ୍‌ବିକେ ପଦବୀ ପାଇଁ ଆଶାୟୀ ଗିରିସୂତା ତାଣ୍ଡି କହିଛନ୍ତି। ତୁରନ୍ତ ପୁନର୍ବାର ଯାଞ୍ଚ କରି ନିୟମ ଅନୁସାରେ ନିଯୁକ୍ତି ପ୍ରଦାନ କରିବାକୁ ବିଡିଓଙ୍କୁ ଜଣାଇଛନ୍ତି। ଏ ନେଇ ବିଡିଓ ରାମକୃଷ୍ଣ ନାୟକଙ୍କୁ ପଚାରି ବାରୁ ଏହା ପୂର୍ବତନ ବିଡିଓ କରିଛନ୍ତି। ତେଣୁ ମୁଁ କିଛି କହିପାରିବି ନାହିଁ। ଅଭିଯୋଗ ବାକ୍ସରେ ଆବେଦନକାରୀମାନେ ଅଭିଯୋଗ ପତ୍ର ପକାଇଛନ୍ତି। ମୋ ପାଖକୁ ଆସିଲେ ପଦକ୍ଷେପ ନେବି ବୋଲି କହିଛନ୍ତି।



ଆବେଦନକାରୀମାନେ ଅଭିଯୋଗ କରୁଛନ୍ତି ।

